## ସଂକ୍ଷେପରେ

### ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଛତ୍ରପୁରର ଶିବମ୍




ଛତ୍ରପୁର, ୯।୧୨(ଦିଲ୍ଲୀପ ସାମଲ) ଛତ୍ରପୁର କେନ୍ଦ୍ରୀୟ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଶିବମ୍ ପ୍ରଧାନ ଦକ୍ଷିଣାଞ୍ଚଳ ଜୋନସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଯୋଗଦେବାକୁ ମନୋନୀତ ହୋଇଛନ୍ତି। ବାଲେଶ୍ୱରଠାରେ ରାଜ୍ୟସ୍ତରୀୟ ବିଜ୍ଞାନମେଳା ଚାଲିଛି। ଶିବମ ଗୋପାଳପୁର କେନ୍ଦ୍ରୀୟ ବିଦ୍ୟାଳୟଠାରେ ଅନୁଷ୍ଠିତ ଜୋନସ୍ତରୀୟ ପ୍ରତିଯୋଗିତାରେ ସାମିଲ ହୋଇ 'ସ୍ମାର୍ଟ ସିଟି ଏବଂ ଅତ୍ୟାଧୁନିକ ପରିବହନ' ପ୍ରକଳ୍ପ ପ୍ରଦର୍ଶନ କରି ସମସ୍ତଙ୍କ ପ୍ରଶଂସାର ପାତ୍ର ହୋଇଥିଲେ। ତାଙ୍କ ବାପା ବସନ୍ତ ପ୍ରଧାନ ଓ ମା' ସୁଜାତା ପ୍ରଧାନ ଉଭୟେ ଶିକ୍ଷକତା କରୁଛନ୍ତି।

### ୫୯୩ ହିତାଧିକାରୀଙ୍କୁ ପଟ୍ଟା



ଟିକିଟି, ୯।୧୨(ପ୍ରକାଶ ଚନ୍ଦ୍ର ସାହୁ): ଟିକିଟି ତହସିଲ କାର୍ଯ୍ୟାଳୟ ପରିସରରେ ସୋମବାର ଜମି ଓ ବାସସ୍ଥାନ ପଟ୍ଟା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ବିଶ୍ୱରଞ୍ଜନ କହଁରଙ୍କ ତତ୍ତ୍ୱାଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଉପଜିଲାପାଳ ଧୀନା ଦସ୍ତାଗିର, ଏନଏସି ଅଧକ୍ଷା ଦୀପା କୁମାରୀ ସାହୁ, ବ୍ଲକ ଅଧକ୍ଷ ଆପନା ସେଠୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାରୀ ପଣ୍ଡା, ସିଡ଼ିପିଓ ଗୀତାଞ୍ଜଳି ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟିକିଟି ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୫୯୩ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜସ୍ୱ ନିରୀକ୍ଷକ ବଳରାମ ପ୍ରଧାନ ସଂଯୋଜନା କରିଥିଲେ। କର୍ମଚାରୀ ମାନେ ସହଯୋଗ କରିଥିଲେ।

### ପୁଣି ହୁଣ୍ଡି ଉଠାଇ ନେଲେ ଦୁର୍ବୃତ୍ତ

ଗଞ୍ଜାମ, ୯।୧୨(ବିଦ୍ୟାଧର ସାହୁ) ଗଞ୍ଜାମ ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମସ୍ଥିତ ବାବା ଆଖଣ୍ଡଳମଣି ଶୈବପୀଠର ଦୁର୍ବୃତ୍ତ ପୁଣି ଥରେ ରବିବାର ବିଳମ୍ବିତ ରାତିରେ ହୁଣ୍ଡି ଚୋରିକରି ନେଇଛନ୍ତି। କିଛି ବର୍ଷ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ଶୀତଳ ଷଷ୍ଠୀ ବେଳେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ହୁଣ୍ଡି ଖାଲି କରିଦିଆଯାଇଥିଲା। ସୂଚନାଯୋଗ୍ୟ କିଛି ବର୍ଷ ହେଲା ରମ୍ଭା ଓ ଗଞ୍ଜାମ ଥାନା ଇଲାକରେ ବିଭିନ୍ନ ମନ୍ଦିରରୁ ବାରମ୍ବାର ଚୋରି ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଆଖଣ୍ଡଳମଣି ମନ୍ଦିର ପରେ ଝାଡେଶ୍ୱର ମନ୍ଦିରରେ ମଧ ଦୁଇ ଦୁଇ ଥର ଚୋରି ହୋଇଥିବା ଅଭିଯୋଗ ହୋଇଛି।

# ସୋରଡ଼ା ସ୍ମାର୍ଟ ପାର୍କ ଅବସ୍ଥା ଦୟନୀୟ

ସୋରଡ଼ା, ୯।୧୨(ରଜନୀ ମହାପାତ୍ର) ସୋରଡ଼ା ଏନଏସିରେ ନିର୍ମାଣାଧୀନ ସ୍ମାର୍ଟ ପାର୍କ ଦୟନୀୟ ହୋଇପଡ଼ିଛି। ଅଧାକରି ଛାଡ଼ିଦେବାରୁ ପ୍ରାୟ ସବୁ ନଷ୍ଟ ହୋଇଯାଇଛି। ଏଭଳି ସ୍ଥଳେ ୧୧ ନମ୍ବର ଓ୍ୱାର୍ଡରେ ନିର୍ମିତ ସ୍ମାର୍ଟପାର୍କ ଲୋକଙ୍କୁ ମନୋରଞ୍ଜନ କରୁଛି ବୋଲି ଫେସବୁକରେ ଫଟୋ ପୋଷ୍ଟ ହେବା ପରେ ତାକୁ ନେଇ ପ୍ରଶ୍ନ ଉଠିଛି। ଜିଲାପାଳଙ୍କୁ ଭୁଆଁ ବୁଲାଇବାକୁ ଏଭଳି ଫଟୋ ପୋଷ୍ଟ କରାଇବା ପଛରେ କିଏ ବୋଲି ଜାଣିବା ଶୁଣିବା ମହଲରେ ଚର୍ଚ୍ଚା ଚାଲିଛି। ଜିଲାପାଳ ଏହାର ପ୍ରକୃତ ତଦନ୍ତ କରିବାକୁ ଏବେ ସାଧାରଣରେ ଦାବି ଉଠିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ୭୫ ଲକ୍ଷ ଟଙ୍କା ବ୍ୟୟରେ ଏହି ପାର୍କ ନିର୍ମାଣ କରାଯାଇଛି। ଏଥି ସହିତ ବୋରୱେଲ ପାଇଁ ସ୍ୱତନ୍ତ୍ର ଭାବେ ୮୭ ହଜାର ୬୨୮ ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ପ୍ରବେଶ ପଥରେ ଗେଟ ନିର୍ମାଣ ପାଇଁ ୧ ଲକ୍ଷ ୪୬ ହଜାର ୬୧୦ ଟଙ୍କା ବିନିଯୋଗ ହୋଇଛି। ଆଳଙ୍କାରିକ ଉପକରଣକୁ ଦେଖିଲେ ଏକ ଓପନ ଜିମ ରହିଛି।

## ଅଧା କରି ଛାଡ଼ିଦେଲେ, ନଷ୍ଟ ହୋଇଗଲା



ଅବହେଳିତ ଅବସ୍ଥାରେ ଥିବା ସ୍ମାର୍ଟ ପାର୍କ।

କିଛି ଗଛ ଲାଗିଛି, ପିଲାଙ୍କ ଉପକରଣ ବି ରହିଛି, ବିଜ୍ଞାନ ଓ ଗଣିତ ସମ୍ବନ୍ଧୀୟ କିଛି ସାମଗ୍ରୀ ଲଗାଯାଇଛି। ତା'ଛଡା ପର୍ଯ୍ୟଟକଙ୍କ ପାଇଁ ଫେବର ବ୍ଲକର ଚଲାପଥ ବି ରହିଛି। ଲାଗିଥିବା ଗଛ ନଷ୍ଟ ହୋଇଗଲାଣି। ଚାରିଆଡ଼େ ଘାସ ଜଙ୍ଗଲ ମାଡ଼ିଗଲାଣି। ଅବଧି ସରିଯାଇଥିଲେ ବି ପାର୍କ ଗେଟ ଏଯାଏଁ ନିର୍ମାଣ ସମ୍ପୂର୍ଣ୍ଣ ହୋଇନି। ଏଠାରେ ଏକ ଯୋଗ କେନ୍ଦ୍ର ନିର୍ମାଣର ପ୍ରତିଶ୍ରୁତି ମିଳିଥିଲେ ବି ସେଥିରେ ଏନଏସି ଫେଲ ମାରିଛି। ନିର୍ମିତ ଓ୍ୱାଟର ଫାଉଣ୍ଡେସନ ବ୍ୟବସ୍ଥା ପଙ୍କ କାଦୁଅରେ ଭରି ହୋଇଯାଇଛି। ପାର୍କ ଭିତରେ ଥିବା ସମସ୍ତ ସାମଗ୍ରୀ ଭାଙ୍ଗିରୁଜି ଗଲାଣି। ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ଅବସ୍ଥା ଉପୁଜିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ସକାଳୁ ସକାଳୁ ଲୋକେ ଏଠାକୁ ବ୍ୟାୟାମ କରିବାକୁ ଆସୁଥିଲେ ବି ସାମଗ୍ରୀକୁ ଦେଖି ମୁହଁ ମୋଡୁଛନ୍ତି। ପାର୍କ ଭିତରେ ଶୌଚାଳୟ ବ୍ୟବସ୍ଥା ନାହିଁ। ବିଦ୍ୟୁତ ବ୍ୟବସ୍ଥା ନାହିଁ। ସୁରକ୍ଷା କର୍ମୀ ଗୃହ ଓ ଟିକେଟ କାଉଣ୍ଟର ଗୃହ ବି ଏଯାଏଁ ନିର୍ମାଣ ହୋଇନାହିଁ। ନିର୍ମିତ ମିସନ କାଫେ ଭୁତ କୋଠି ପାଲଟି ଯାଇଛି। ଏହା କାହାକୁ ଦିଆଯାଇପାରିନି କି ଲୋକେ ନେବା ପାଇଁ ରାଜି ମଧ୍ୟ ହେଉନହାନ୍ତି। ପାର୍କ ଭିତରେ ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ନାହିଁ। ନିର୍ବାଚନ ପୂର୍ବରୁ ଲୋକଙ୍କ ମନ ଜିଣିବା ପାଇଁ ଏନଏସିର ଏଭଳି ତରବରିଆ କାମର ଗୁମର ଏବେ ପଦାରେ ପଡ଼ିଛି। ଯେଉଁ ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିଲା ପାର୍କ ତାହା ଏଯାଏଁ ପୁରଣ ହୋଇପାରିନି। ପାର୍କକୁ ନେଇ ପର୍ଯ୍ୟଟକଙ୍କୁ ମୌଳିକ ସୁବିଧା ଦେବା ପାଇଁ ଏଯାଏଁ ସଂଘର୍ଷ ଜାରି ରଖିଛି ଏନଏସି। ପ୍ରାୟ ଦେଢ଼ କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଥିଲେ ବି ପାର୍କର ରକ୍ଷଣାବେକ୍ଷଣ ଅଭାବରୁ ତାହାର ସୁଫଳ ଲୋକଙ୍କୁ ମିଳୁନି। ଏଭଳି ସ୍ଥିତିରେ ଜିଲା ପ୍ରଶାସନ ତରଫରୁ ଫେସବୁକରେ ପୋଷ୍ଟ ହୋଇଥିବା ଛବି ସହ ବିଷୟବସ୍ତୁ ଲୋକଙ୍କୁ ବ୍ୟଥିତ କରିଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳଙ୍କ କହିବା କଥା ହେଲା ପାର୍କରେ ଯଥା ଶୀଘ୍ର ବିଦ୍ୟୁତ ସଂଯୋଗ ପାଇଁ ପ୍ରକ୍ରିୟା ଚାଲିଛି ଏବଂ ଏହାର ରକ୍ଷଣା ବେକ୍ଷଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି।

# ୨ ଅଭିଯୁକ୍ତଙ୍କୁ ୧୦ବର୍ଷ ଲେଖାଏ କାରାଦଣ୍ଡ

## ଗଞ୍ଜେଇ ଚାଲାଣ ମାମଲା

ଆସିକା, ୯।୧୨(ସୁରେନ୍ଦ୍ର ନାଥ ସାହୁ): ଆସିକା ଥାନା ଅଞ୍ଚଳରେ ୨୦୨୨ରେ ହୋଇଥିବା ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସୋମବାର ଆସିକାର ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ଏହି ମାମଲାର ୨ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତ ୬ମାସ ଅତିରିକ୍ତ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ସାରୁକୋଇ ଗ୍ରାମର ସୟ ଜାନି (୩୪) ଓ ଚକାପାଦ ଥାନା ପଖାଳଖାଇ ଗ୍ରାମର ପ୍ରଦୀପ କହଁର (୩୦)। ଉଭୟ ଗୋଟିଏ ବାଇକରେ ଗଞ୍ଜେଇ ବସ୍ତା ଧରି ଯାଉଥିଲା ବେଳେ ଆସିକା ସହର ଉପକଣ୍ଠ କାଳକଣ୍ଠପୁର ନିକଟରେ ଅବକାରୀ ବିଭାଗର ଭ୍ରାମ୍ୟମାଣ ଟିମ୍ ହାବୁଡରେ ପଡିଥିଲେ। ଟିମ୍ ସେମାନଙ୍କ ନିକଟରୁ ୨୦ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରି ଅଦାଲତରେ ଚାର୍ଜଶିଟ ଦାଖଲ କରିଥିଲା। ଏହି ମାମଲାରେ ୩ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ସୂର୍ଯ୍ୟପ୍ରକାଶ ରାଓ ମାମଲା ଲଢୁଥିଲେ।

## ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର

# ନୂତନ କିସମ ଧାନଚାଷ ଦେଖିଲେ ଚିଟିପଲ୍ଲୀ ଚାଷୀ




ମୁଖ୍ୟ ବୈଜ୍ଞାନିକ ସୁତନୁ କୁମାର ଶତପଥୀ ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର, ୯।୧୨(ବାବୁଲା ପ୍ରଧାନ): ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ରାଜ୍ୟର ଏକ ପୁରାତନ କେନ୍ଦ୍ର। ଏଠାର ବୈଜ୍ଞାନିକମାନେ ପ୍ରତିବର୍ଷ କିଛି ନା କିଛି ନୂତନ କିସମ ଉତ୍ପାଦନ କରି ପରୀକ୍ଷା ମୂଳକ ଭାବେ ବ୍ୟବହାର କରୁଛନ୍ତି। ଏହିକ୍ରମରେ ଚଳିତବର୍ଷ ୧୪ ପ୍ରକାର ଧାନ ଚାଷ ହୋଇଛି। ବର୍ତ୍ତମାନ ତାହାର ଅମଳ ପ୍ରକ୍ରିୟା ଆରମ୍ଭ ହୋଇଛି। ଯେଉଁ କିସମ ଭଲ ହେବ ତାହାକୁ ଆଗାମୀ ଦିନରେ ଚାଷୀମାନଙ୍କ ବ୍ୟବହାର ପାଇଁ ବଜାରକୁ ଛଡ଼ାଯିବ। ତେଣୁ ଉକ୍ତ କିସମ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ହୋଇଥିଲା। ଏଥିରେ ଚିଟିପଲ୍ଲୀ ସମେତ ବିଭିନ୍ନ ଅଞ୍ଚଳର ଚାଷୀମାନେ ଯୋଗଦେଇ ନୂତନ ଧାନ କିସମ ଉପରେ ଜ୍ଞାନ ଆହରଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର,ଇରି ଏବଂ ରାଜ୍ୟ କୃଷି ବିଭାଗର ମିଳିତ ସହଯୋଗରେ ଏହି ଚାଷ ହୋଇଛି। ଆଜିର ସଭାରେ କୃଷି ବିଜ୍ଞାନ କେନ୍ଦ୍ର ର ମୁଖ୍ୟ ବୈଜ୍ଞାନିକ ସୁତନୁ କୁମାର ଶତପଥୀ ଅଧକ୍ଷତା କରିଥିଲେ। ଭଞ୍ଜନଗର ବ୍ଲକ କୃଷି ଅଧିକାରୀ ସଂଗ୍ରାମ କେଶରୀ ସେନାପତି, ଡ. ସନ୍ତୋଷ କୁମାର ସାମନ୍ତରାୟ, ଗିରିଧାରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଏହାପରେ ଚାଷୀମାନେ କୃଷି ବିଜ୍ଞାନ କେନ୍ଦ୍ରରେ ହୋଇଥିବା ନୂତନ କିସମ ଧାନ ଚାଷ ବୁଲି ଦେଖିଥିଲେ।

# ତଦନ୍ତ ବେଳେ ଉତ୍ତେଜନା, ରୋଷେୟା ପରିବର୍ତ୍ତନ ପାଇଁ ଦାବି

## ମଧ୍ୟାହ୍ନ ଭୋଜନ ଖାଇ ୩୬ ଛାତ୍ରୀଛାତ୍ର ଅସୁସ୍ଥ ଘଟଣା

ଦାରିଙ୍ଗବାଡ଼ି, ୯।୧୨ (ଅରୁଣ ସାହୁ) କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ମଧ୍ୟାହ୍ନ ଭୋଜନ ଖାଇ ୩୬ ଛାତ୍ରୀଛାତ୍ର ଅସୁସ୍ଥ ଘଟଣାରେ ସୋମବାର ବିଦ୍ୟାଳୟ ଖୋଲିବା ପରେ ଉତ୍ତେଜନା ଦେଖାଦେଇଥିଲା। ଘଟଣା ଘଟିବାର ୩ ଦିନ ବିତିଯାଇଥିବା ବେଳେ ମଧ୍ୟାହ୍ନ ଭୋଜନ ରୋଷେଇ କରୁଥିବା ମହିଳାମାନେ ପିଲାଙ୍କ ସ୍ୱାସ୍ଥାବସ୍ଥା ଦେଖିବାକୁ ଯାଇନଥିଲେ। କିମ୍ବା ଶିକ୍ଷା ବିଭାଗ ଓ ପ୍ରଶାସନ ବିଦ୍ୟାଳୟରେ ପହଞ୍ଚି ନଥିବା ନେଇ ଉତ୍ତେଜନା ଦେଖାଯାଇଥିଲା। ପରେ କନ୍ଧମାଳର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ନିରୁପମା ଦୋରା, ବିଇଓ ହାଡ଼ିବନ୍ଧୁ ବେହେରା, ବିଇଓ କାର୍ଯ୍ୟାଳୟର ସ୍ଥାପନ ଅଧିକାରୀ ଅଶୋକ ସାହୁ ପ୍ରମୁଖ ବିଦ୍ୟାଳୟରେ ତଦନ୍ତ କରିବା ପାଇଁ ପହଞ୍ଚିଥିବା ବେଳେ ଉତ୍ତେଜନା ଦେଖାଦେଇଥିଲା। କାହିଁକି ତଦନ୍ତରେ ବିଳମ୍ବ ହେଲା ସେନେଇ ଅଭିଯୋଗ ହୋଇଥିଲା। ଏହା ସହିତ ରୋଷେଇ କରୁଥିବା ଏସ୍‌ଏଚ୍‌ଜି ମହିଳା ମାନେ ଆଉ ରୋଷେଇ ନ କରିବାକୁ ଦାବି ହୋଇଥିଲା। ବିଦ୍ୟାଳୟ ନୂତନ କୋଠାରେ ରୋଷେଇ ଶାଳ, ଖାଇବା ପାଇଁ ଡାଇନିଂ ହଲ ବ୍ୟବସ୍ଥା ଉତ୍ତମ ଶୌଚାଳୟ ବ୍ୟବସ୍ଥା, ପାଇପଯୋଗେ ପିଇବା ପାଣି ଯୋଗାଇବା ପାଇଁ ଦାବି ହୋଇଥିଲା। ସେହିପରି ରୋଷେଇ ଦାୟିତ୍ୱରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ହଟାଇ ପାଇଁ ଦାବି ହେଇଥିଲା। ବିଦ୍ୟାଳୟରେ ଦୀର୍ଘ ସମୟ ଧରି ଅଭିଭାବକ ମାନେ ଜିଦ୍‌ରେ ବିସିଥିଲେ। ଫଳରେ ରୋଷେଇ ହୋଇପାରିନଥିଲା ପିଲାଙ୍କୁ କଦଳୀ ଓ ବିସ୍କେଟ ଖାଇବା ଦେଇ ଘରକୁ ପଠାଇଦେଇଥିଲେ ପ୍ରଧାନ ଶିକ୍ଷକ। ବିଦ୍ୟାଳୟର ୨୬୪ ଛାତ୍ରୀଛାତ୍ର ରହିଥିବା ବେଳେ ମାତ୍ର ଶହେ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟରେ ଉତ୍ତେଜନା ଯୋଗୁ ସେମାନଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଇଥିଲା। ସେଠାରେ ଥିବା ଅଧିକାରୀ ମାନେ ଲୋକଙ୍କୁ ବୁଝାସୁଝା କରିବା ସହ ପ୍ରଧାନ ଶିକ୍ଷକ ବିଦେଶୀ ନାୟକ, ସିଆରସିସି ଶିବ ଶଙ୍କର ସାହୁ, ମଧ୍ୟାହ୍ନ ଭୋଜନ ପାଇଁ ସେହିଦିନ ଦାୟିତ୍ୱରେଥିବା ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ନାୟକ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆରକେଲ ପ୍ରଧାନ ଓ ଛାତ୍ରୀଛାତ୍ରଙ୍କ ସହ ଆଲେଚନା ହୋଇଥିଲା। ଶେଷରେ ପାଚିକା ରୋଷେଇ କରିବାକୁ ନିଷ୍ପତ୍ତି ନିଆଯାଇଥିବା ପ୍ରଧାନ ଶିକ୍ଷକ ବିଦେଶୀ ନାୟକ କହିଛନ୍ତି।



# ପ୍ରବାସୀ ଶ୍ରମିକ ପରିବାରକୁ ରାଶନ କାର୍ଡ ବାଣ୍ଟିଲେ ମନ୍ତ୍ରୀ




କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ବ୍ଲକ ଅଧକ୍ଷା ଓ ଅନ୍ୟମାନେ।

ବୁଗୁଡା, ୯।୧୨(କାଳିଚରଣ ଦାଶ): ପିପୁଲ୍ଲ ହାଇସ୍କୁଲ ଷ୍ଟାଡିୟମ ପଡ଼ିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକବୁଗୁଡ଼ା ବ୍ଲକର ୧୬୭୯ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ପରିବାରକୁ ନୂତନ ରାଶନ କାର୍ଡ ବାଣ୍ଟିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡ଼ିଓଙ୍କ ଦାୟିତ୍ୱରେ ଥିବା ତହସିଲଦାର ତାପସ ରାଉତ, ବ୍ଲକ ଅଧକ୍ଷା କେ ପ୍ରିୟଦର୍ଶିନୀ ଆଚାରି, ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ଜିଲା ପରିଷଦ ସଭ୍ୟ ଗଙ୍ଗାପାଣି ଜେନାଙ୍କ ସହ ସମସ୍ତ ପଞ୍ଚାୟତର ଜନ ପ୍ରତିନିଧି ଉପସ୍ଥିତ ଥିଲେ। ରାଜ୍ୟରେ ସମସ୍ତ ଯୋଗ୍ୟ ହିତାଧକାରୀଙ୍କୁ ରାଶନ କାର୍ଡ ବଣ୍ଟାଯିବା ସହ ଗରିବଙ୍କ ମୁହଁରେ ହସ ଦେବା ରାଜ୍ୟ ସରକାରଙ୍କ ପ୍ରଥମ ପ୍ରାଥମିକତା ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

## ୮୧ ଅଭିଯୋଗରୁ ୯ଟିର ତୁରନ୍ତ ସମାଧାନ

ପାରଳାଖେମୁଣ୍ଡି, ୯।୧୨(ଗିରିଧାରୀ ପରିଛା) ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ବୃଷଭ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ କୁମାର ଦାଶ, ଏସ୍‌ପି ଯତୀନ୍ଦ୍ର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଗୁଣନିଧି ନାୟକ ଯୋଗଦେଇ ୮୧ଟି ଅଭିଯୋଗ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ବୃଷଭ ପଞ୍ଚାୟତ ସମେତ ବାଇଝଲ, ଗାଇବା ଓ ପରିଡ଼ା ପଞ୍ଚାୟତରୁ ଏହି ଅଭିଯୋଗ ପତ୍ର ଆସିଥିଲା। ସେଥିରୁ ବ୍ୟକ୍ତିଗତ ଅଭିଯୋଗ ୨୭ଟି ଏବଂ ଗ୍ରାମଭିତ୍ତିକ ସମସ୍ୟା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଗୃହନିର୍ମାଣ, ରାଶନ କାର୍ଡ, ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ସମ୍ବଳିତ ୪୫ଟି ଅଭିଯୋଗ ରହିଥିଲା। ୯ଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ସମସ୍ତ ଅଭିଯୋଗ ଶୀଘ୍ର ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# କଚ୍ଛପ ଗତିରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ



ଖଜୁରିପଡ଼ା, ୯।୧୨ (ବିଦୁର ବେହେରା) କୋମଳମତି ଶିଶୁମାନଙ୍କର ଶାରୀରିକ ମାନସିକ ବିକାଶ ସହିତ ପ୍ରାରମ୍ଭିକ ଶିକ୍ଷା ପାଇଁ ସରକାର ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରୁଛନ୍ତି। ଏହି କେନ୍ଦ୍ର ମାଧ୍ୟମରେ ପ୍ରସୂତୀ, ଗର୍ଭବତୀ ମହିଳାମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପରୀକ୍ଷା ନିରୀକ୍ଷା କରିବା ସହିତ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଏ। ତେଣୁ ପ୍ରତି ଗାଁରେ ସରକାରଙ୍କ ଦ୍ୱାରା ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଖଜୁରୀପଡ଼ା ବ୍ଲକ ଅଧିନରେ ୧୪୯ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଏଥିରୁ ୧୦୩ଟି କେନ୍ଦ୍ରର ନିଜସ୍ୱ ଗୃହ ଥିବା ବେଳେ ୧୦ଟି କେନ୍ଦ୍ରର ଗୃହ ଭଗ୍ନ ଅବସ୍ଥାରେ ରହିଛି। ୩୧ଟି ଅଙ୍ଗନବାଡ଼ି କେନ୍ଦ୍ର ବର୍ଷ ବର୍ଷ ଧରି କଚ୍ଛପ ଗତିରେ ନିର୍ମାଣ ଚାଲିଛି। ୫ଟି ନୂତନ ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ମଞ୍ଜୁର ହୋଇଛି। ତାହା ମଧ୍ୟ ଶୀଘ୍ର ନିର୍ମାଣ ଆରମ୍ଭ ହେବ ବୋଲି ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ଖଜୁରୀପଡ଼ା ପକ୍ଷରୁ ସୂଚନା ମିଳିଛି।

ପ୍ରକାଶ ଯେ, ୩୧ଟି ଅଙ୍ଗନବାଡ଼ି କେନ୍ଦ୍ରର ସ୍ଥିତି ହେଉଛି ଖଲି ବେରେଣା, କ୍ଷେତାପାଙ୍ଗୁ, ଶ୍ରାମିପଡ଼ା, ଫାଉଡେସନ ଅବସ୍ଥାରେ ରହିଥିବା ବେଳେ ବଲସକୁମ୍ପା(ଏ), ଛନ୍ଦୁରୁ ପଦର, ପିଣ୍ଡାବାଡ଼ି ପ୍ଲିନ୍ଥ ପଡ଼ି ରହିଛି। ସରାବୁଡ଼, ପ୍ରଧାନପଡ଼ା, କୁଟିବାରି(ଡି), ଆଡ଼ାପାଙ୍ଗୁ, ଝରକା ଲେବୁଲ ହୋଇ ରହିଛି। ଖଜୁରୀପଡ଼ା (ଏ), ପିପଲପଡ଼ା, ମଳିକପଡ଼ା, ଡଙ୍ଗା, ଡୁଗୁଡ଼ା ରୁଫ ଲେବୁଲ ହୋଇ ରହିଛି। ପେନାବାଲି, ଖଲି ଗୁଡ଼ୁରି, ନଗୁବା, ଦୂତିପଡ଼ା, ଯକ୍ରେଜୁ, ନେଡ଼ିଗୁଡ଼ା (ଏସ୍), ବନ୍ଧନପାଙ୍ଗୁ, ବିଲାବାଡ଼ି, ଛାତପଡ଼ି ରହିଛି। ଡିମ୍ବିରି ଖୋଲ, ରାକାଡ଼ି ପଦର, ବାଦ୍ରିପାଙ୍ଗୁ, କିଲୁପଦର, ମଲିକ ସାହି (ଜି), ସୁଡ୍ରେଜୁ, ତାଡ଼ ମେରୁ, ଫିନିଶୀଙ୍ଗ ଷ୍ଟେଜରେ ରହିଛି। ନେଡ୍ରି ଖୋଲ ସମ୍ପୂର୍ଣ୍ଣ ନିର୍ମାଣ ହୋଇ ହସ୍ତାନ୍ତର ହୋଇ ନ ଥିବା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ କ୍ରୀଷ୍ଟା କୁମାରୀ ବେହେରା ସୂଚନା ଦେଇଛନ୍ତି। ଶୀଘ୍ର ନିର୍ମାଣ କାର୍ଯ୍ୟ ସରିବା ପାଇଁ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯିବ। ଅନ୍ୟପଟେ ଦାୟିତ୍ୱରେ ଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି କେନ୍ଦ୍ର ନିର୍ମାଣ କାର୍ଯ୍ୟ କାହିଁକି ଧିମେଇ ଯାଇଛି ଏହାର ତଦନ୍ତ କରାଯିବ। ଯନ୍ତ୍ରୀ ଏବଂ ଠିକାଦାର ମାନଙ୍କୁ ନେଇ ଏକ ମିଟିଂ କରାଯିବ। ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ବ୍ୟବସ୍ଥା କରାଯିବ।

## ଗଞ୍ଜାମ ଜିଲା ଅଙ୍ଗନୱାଡି କର୍ମୀ ସଂଘ ବୈଠକ

# ୧୯ରେ ବିଧାନସଭା ଘେରାଉ ପାଇଁ ନିଷ୍ପତ୍ତି

ଛତ୍ରପୁର, ୯।୧୨(ଦିଲ୍ଲୀପ ସାମଲ) ଏଆଇଟିୟୁସି ଅନୁବନ୍ଧିତ ଗଞ୍ଜାମ ଜିଲା ଅଙ୍ଗନୱାଡି କର୍ମୀ ସଂଘର ଏକ ବୈଠକ ଛତ୍ରପୁର ସ୍ଥିତ ଲକ୍ଷ୍ମଣଭବନରେ ଜିଲା ସଭାପତି ମମତାଜ ଖୁଣ୍ଟିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନୱାଡି କର୍ମୀଙ୍କ ବିଭିନ୍ନ ଦାବି ନେଇ ଆସନ୍ତା ୧୯ ତାରିଖରେ ବିଧାନସଭା ଘେରାଉ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାରେ ନୂତନ ସରକାର କ୍ଷମତାକୁ ଆସିବା ପରେ ଅଙ୍ଗନୱାଡି କର୍ମୀଙ୍କ ବିଭିନ୍ନ ଦାବି ପୂରଣ ପାଇଁ ନିର୍ବାଚନ ପୂର୍ବରୁ ମିଳିଥିବା ପ୍ରତିଶ୍ରୁତି ଅନୁସାରେ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନାହିଁ। ଏହାର ପ୍ରତିବାଦରେ ୫ ହଜାରରୁ ଉର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ ଓ ସହାୟିକା ବିଧାନସଭା ଘେରାଉ କରିବେ। ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ବୈଠକରେ ଯୋଗଦେଇ ନୂତନ ସରକାର ଆସିବା ପରେ ଅଙ୍ଗନୱାଡି କର୍ମୀଙ୍କ ଉପରେ କାର୍ଯ୍ୟର ବୋଝ ଅଧିକ ଲଦା ଯାଉଛି। ଅଥଚ କର୍ମୀଙ୍କ ଭତ୍ତା ବୃଦ୍ଧି ପାଇଁ ସରକାର ଶୁଣୁନାହାନ୍ତି। ଏସ୍‌ଏନ୍‌ପିର ଦର ସଂଶୋଧନ, ଭତ୍ତାବୃଦ୍ଧି, ନୂତନ ମୋବାଇଲ ପ୍ରଦାନ ସହ ସେମାନଙ୍କ ଅନ୍ୟାନ୍ୟ ଦାବି ପୂରଣ ନେଇ ଆଗାମୀ ବିଧାନସଭା ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ଜେନା ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ଆକ୍ରୋଶମୂଳକ କାର୍ଯ୍ୟ ବିରୋଧରେ ଆସନ୍ତା ୧୩ ତାରିଖରେ ଗଞ୍ଜାମ ସିଡିପିଓଙ୍କ କାର୍ଯ୍ୟାଳୟ ଘେରାଉ କରାଯିବାକୁ ସ୍ଥିର ହୋଇଛି। ବୈଠକରେ ଏଆଇଟି ୟୁସି ନେତା ନୀଳକଣ୍ଠ ଦାଶ, ମାଣିକେଶ୍ୱରୀ ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ପ୍ରଧାନ, ପ୍ରତିମା ଦାସ, ରିତାଞ୍ଜଳି ଦାସ, ଲିଲାବତୀ ଦୋରା, ଶାକମ୍ବରୀ ବାରିକ, ଦୁର୍ଯ୍ୟୋଧନ ନାହାକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।




# ପର୍ଯ୍ୟଟକଙ୍କ ମନ ଜିଣୁଛି ଗଣ୍ଡହାତୀ ଜଳପ୍ରପାତ

ପାରଳାଖେମୁଣ୍ଡି, ୯।୧୨(ଗିରିଧାରୀ ପରିଛା) ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଗଜପତିର ଗଣ୍ଡହାତୀ ଜଳପ୍ରପାତ। ଗଜପତି ଜିଲା ରାୟଗଡ ବ୍ଲକ ଗାରବନ୍ଧ ଅଞ୍ଚଳରେ ରହିଛି ଏହି ଜଳପ୍ରପାତ। ପୂର୍ବରୁ ଏଠାକୁ ପ୍ରତ୍ୟହ ବହୁ ସଂଖ୍ୟାରେ ହାତୀ ପାଣି ପିଇବା ପାଇଁ ଆସୁଥିବାରୁ ଏହି ଜଳପ୍ରପାତର ନାମ ଗଣ୍ଡହାତୀ ରଖାଯାଇଛି। ଏଠାରେ ପ୍ରାୟ ୨୦ ଫୁଟ ଉଚ୍ଚତାରୁ ଜଳପ୍ରପାତର ଧାର ବୋହି ଆସୁଛି। ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରୁ ୩୦ କି.ମି. ଦୂରରେ ଅବସ୍ଥିତ ଏହି ପର୍ଯ୍ୟଟନସ୍ଥଳୀ ବ୍ରହ୍ମପୁରଠାରୁ ୧୦୦ କି.ମି. ଦୂରରେ ରହିଛି। ରାୟଗଡ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ୧୮କି.ମି. ଅତିକ୍ରମ ପରେ ଅଡାସିଂ ଛକରୁ ଡାହାଣ ପଟେ ଯିବାକୁ ପଡେ। କିଞ୍ଜିଲିଙ୍ଗ ରାସ୍ତାରେ ୮କି.ମି. ଗଲେ ଗଣ୍ଡହାତୀ ଗ୍ରାମ ମନ୍ଦିର ଛକରୁ ବାମକୁ ୨କି.ମି. ଦୂରରେ ରହିଛି ଗଣ୍ଡହାତୀ ଜଳପ୍ରପାତ।ସୌନ୍ଦର୍ଯ୍ୟ ଓ ଇତିହାସରେ ଭରା ଏହି ଜଳପ୍ରପାତ ଦେଖିବାକୁ ଖୁବ୍ ଆକର୍ଷଣୀୟ। ସବୁବେଳେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ଶୀତଋତୁରେ ପିକ୍‌ପିକ୍ କରିବା ଏବଂ ଜଳପ୍ରପାତର ମଜା ନେଇ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପ୍ରତ୍ୟେକ ପର୍ଯ୍ୟଟକଙ୍କ ଲକ୍ଷ୍ୟ ରହୁଛି। ଡିସେମ୍ବର ମାସରେ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକଙ୍କ ଏଠାରେ ସମାଗମ ହୋଇଥାଏ। ବିଶେଷକରି ଆନ୍ଧ୍ର ଓ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଲୋକେ ଏଠାକୁ ଆସନ୍ତି। ଏଠାରେ ଲୋକେ ଜଙ୍ଗଲରେ ବୁଲିବା, ଜଳ ପ୍ରପାତରେ ଗାଧୋଇବା, ସେଲ୍‌ଫି ନେବା ଏବଂ ସ୍ମୃତିକୁ କ୍ୟାମେରାରେ ଧରି ରଖିବାର ଯେକୌଣସି ମୁହୂର୍ତ୍ତକୁ ପର୍ଯ୍ୟଟକମାନେ ହାତଛଡା କରନ୍ତି ନାହିଁ। ଏଠାକୁ ବୁଲି ଆସିଥିବା ଜଣେ ପର୍ଯ୍ୟଟକ ସାଇ ପାତ୍ର କହନ୍ତି, ଏ ସ୍ଥାନ ମୋତେ ଲାଗୁଛି ସତେ ଯେମିତି ସ୍ୱର୍ଗପୁର। ଏଭଳି ପରିବେଶରେ ସାଙ୍ଗସାଥୀଙ୍କ ସହ ସମୟ ବିତାଇବା ନିଆରା ଅନୁଭୂତି ଦିଏ ବୋଲି ସେ କହିଛନ୍ତି।

ଜିଲାପାଳ ବିଜୟ କୁମାର ଦାସ ପ୍ରଶାସନ ପକ୍ଷରୁ ସମସ୍ତ ପର୍ଯ୍ୟଟକଙ୍କୁ ପଲିଥିନ ନ ନେବା, ନିଶା ସେବନ ନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଶିଳ୍ପବିହୀନ ଗଜପତି ଜିଲାର ଅର୍ଥନୈତିକ ଏବଂ ସାମାଜିକ ଉନ୍ନତି କେବଳ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ପର୍ଯ୍ୟଟନ କ୍ଷେତ୍ରର ବିକାଶ ଦ୍ୱାରା ହିଁ ସମ୍ଭବ। ଜିଲା ପ୍ରଶାସନ ପକ୍ଷରୁ ଏହାର ଅଧିକ ଉନ୍ନତି କଲେ ଏହାର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହେବ ବୋଲି ବୁଦ୍ଧିଜୀବୀ ବସନ୍ତ ପଣ୍ଡା, ବିଷ୍ଣୁ ପାଢ଼ୀ, ଶଙ୍କର ବକ୍ସିଙ୍କ ସହ ଅନ୍ୟମାନେ କହିଛନ୍ତି।



ଗଣ୍ଡହାତୀ ଜଳପ୍ରପାତ।

## ଛତ୍ରପୁରରେ ହେଲମେଟ ଚେକିଂ

ଛତ୍ରପୁର, (ଦିଲ୍ଲୀପ ସାମଲ): ଗଞ୍ଜାମ ଜିଲାରେ ଦୁର୍ଘଟଣା ହ୍ରାସ କମାଇବା ନିମନ୍ତେ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ବିନା ହେଲମେଟରେ ଗାଡି ଚଳାଇବା ଦ୍ୱାରା ଦୁର୍ଘଟଣା ଘଟିଲେ ଅନେକଙ୍କ ମୃତ୍ୟୁ ଘଟୁଛି। ଏହାକୁ ରୋକିବାକୁ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚେକିଂ କରାଯାଉଛି। ସୋମବାର ସନ୍ଧ୍ୟାରେ ଛତ୍ରପୁର ଲୋୟାର ବସଷ୍ଟାଣ୍ଡଠାରେ ପ୍ରୋବାସନାରୀ ଆଇପିଏସ ଅଧିକାରୀ ମନୀଷା ସୌଗୁଣଙ୍କ ନେତୃତ୍ୱ ଛତ୍ରପୁର ପୋଲିସ ସହାୟତାରେ ହେଲମେଟ ଚେକିଂ କରାଯାଇଥିଲା। ଚାରି ଚକିଆ ଯାନଗୁଡିକ ମଧ୍ୟ ଯାଞ୍ଚ କରାଯାଇଥିଲା।

## ଛତ୍ରପୁର ହସ୍ପିଟାଲକୁ ହେଡକ୍ୱାର୍ଟର ମାନ୍ୟତା ପ୍ରଶ୍ନ ଉଠାଇଲେ ବିଧାୟକ

ଛତ୍ରପୁର, ୯।୧୨(ସନ୍ତୋଷ ପାଢ଼ୀ )

ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଥିବା ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ସମସ୍ୟା ନେଇ ବିଧାନସଭାରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପ୍ରଶ୍ନ କରିଛନ୍ତି। ଉକ୍ତ ଚିକିତ୍ସାଳୟକୁ ପୁରୀ ଜିଲା କୃଷ୍ଣ ପ୍ରସାଦ ବ୍ଲକରୁ ବହୁ ସଂଖ୍ୟାରେ ରୋଗୀ ଆସି ଚିକିତ୍ସିତ ହେଉଛନ୍ତି। ଏହି ହସ୍ପିଟାଲକୁ ଜିଲା ସଦର ମହକୁମା ଚିକିତ୍ସା କେନ୍ଦ୍ର ରୂପେ ମାନ୍ୟତା ଦେବା ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟବର୍ତ୍ତୀ ଅଞ୍ଚଳରେ ରାସାୟନିକ ଶିଳ୍ପ, ଜାତୀୟ ରାଜପଥ, ଲୁଣିପାଣି, ଆଦ୍ରତା ବାୟୁମଣ୍ଡଳ, ବିଶୁଦ୍ଧ ଜଳାଶୟ ଆଦି କାରଣରୁ ଉପୁଜୁଥିବା ସଂକ୍ରମିତ ରୋଗ ନିରାକରଣ ନିମନ୍ତେ ବ୍ୟବସ୍ଥା କରାଯିବା ବ୍ୟବସ୍ଥା ଅଛି କି ବିଧାୟକ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଇଣ୍ଡିଆନ ପବ୍ଲିକ ହେଲଥ ଷ୍ଟାଣ୍ଡାର୍ଡ ନିୟମାବଳୀକୁ ଅନୁସରଣ କରାଯାଇ ରାଜ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସ୍ଥାପନ କରାଯାଇଥାଏ । ପ୍ରଚଳିତ ଆଇପିଏଚ ଏସ-୨୦୨୨ ନିୟମାବଳୀକୁ ରାଜ୍ୟ ସରକାର ନୀତିଗତ ଭାବରେ ଗ୍ରହଣ କରିଛନ୍ତି । ଏହି ନିୟମାବଳୀ ଆଧାରରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସ୍ଥାପନ ନିମନ୍ତେ ଆସୁଥିବା ବିଭିନ୍ନ ପ୍ରସ୍ତାବଗୁଡିକୁ ତର୍ଜମା କରାଯାଇ ନୀତିନିୟମ ଆଧାରରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ। ଛତ୍ରପୁର ବ୍ଲକର ମ୍ୟୁନିସିପେଲ୍କୋ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଛତ୍ରପୁର ଉପଖଣ୍ଡସ୍ତରୀୟ ଡାକ୍ତରଖାନା ଦ୍ୱାରା ନିକଟବର୍ତ୍ତୀ ଅଞ୍ଚଳରେ ଉପୁଜୁଥିବା ସଂକ୍ରାମକ ରୋଗର ନିୟନ୍ତ୍ରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଜିଲା ସ୍ୱାସ୍ଥ୍ୟ ସମିତି ଏବଂ ଆଇଆରଇ ଦ୍ୱାରା ମିଳିତ ଭାବେ ଆଇଆରଇ ଶିଳ୍ପ ଆଖପାଖ ଅଞ୍ଚଳ ତଥା ସଂଲଗ୍ନ ପଞ୍ଚାୟତଗୁଡିକରେ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି ।

# ମୋବାଇଲ ଟାୱାର ପାଇଁ ଗ୍ରାମବାସୀଙ୍କ ରାସ୍ତାରୋକୋ

ଫିରିଙ୍ଗିଆ, ୯।୧୨(ବିମଳ ଦିଗାଲ)



କନ୍ଧମାଳ ଜିଲାର ଅନେକ ଅଞ୍ଚଳକୁ ଆଜି ପର୍ଯ୍ୟନ୍ତ ମୋବାଇଲ ନେଟ୍‌ୱାର୍କ ପହଞ୍ଚି ନାହିଁ। ଫଳରେ ଅନ୍‌ଲାଇନ କାମ ବାଧାପ୍ରାପ୍ତ ହେଉଛି। ପାହାଡ଼ ପର୍ବତ ଅଞ୍ଚଳ ଲୋକ ଆମ୍ବୁଲାନ୍ସ ଯୋଗାଯୋଗରୁ ବଞ୍ଚିତ ହେଉଛନ୍ତି। ମୌଳିକ ସୁବିଧା ପାଇଁ ବାରମ୍ବାର ଦାବି କେଲ ବି ଫଳ ଶୂନ। ତେଣୁ ବାଧ୍ୟ ହୋଇ ରାସ୍ତାକୁ ଓହ୍ଲାଉଛନ୍ତି। ସୋମବାର ସକାଳୁ ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତ ଲୋକେ ମୋବାଇଲ ନେଟ୍‌ୱାର୍କ ଦାବିରେ ରାସ୍ତାରୋକ କରିଛନ୍ତି। କାମଟଣା ପୋଲ ଉପରେ ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ପୋଲିସ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଜିଦ୍ ଧରିଥିଲେ ଲୋକେ। ସୂଚନାଯୋଗ୍ୟ, ପଞ୍ଚାୟତ ମୁଖ୍ୟାଳୟ କ୍ରାଣ୍ଡିବାଲିଠାରେ ଏକ ବିଏସ୍‌ଏନ୍‌ଏଲ ଟାୱାର ଥିଲେ ମଧ୍ୟ ପ୍ରାୟ ୧୦ ମାସ ହେଲା ତାହା ଅଚଳ ହୋଇ ପଡ଼ିରହିଛି। ସେହିଭଳି କାମଟଣା ଠାରେ ୬ ମାସ ତଳୁ ଏକ ଜିଓ ଟାୱାର ସ୍ଥାପନ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେଉନାହିଁ। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଦୁଇ ଦିନ ତଳେ ସମିତିସଭ୍ୟ ଜିଲାପାଳଙ୍କୁ ଭେଟି ଦାବି ଜଣାଇବା ସହ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଶେଷରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ କାମଟଣା ଗ୍ରାମରେ ଜିଓ ନେଟ୍‌ୱାର୍କ ସ୍ଥାପନ କରାଯାଇଛି। ତାହା ସାଟ୍‌ଲାଇଟ ଲଗେଇ ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ ନଚେତ ଜିଓ ନେଟ୍‌ୱାର୍କକୁ ଉଠେଇ ଦିଆଯାଉ। କ୍ରାଣ୍ଡିବାଲି ଗ୍ରାମ ପଞ୍ଚାୟତ ହେଡ୍‌କ୍ୱାଟରଠାରେ ନୂତନ ଜିଓ ନେଟୱାର୍କ କିମ୍ବା ବିଏସ୍‌ଏନ୍‌ଏଲ ନେଟ୍‌ୱାର୍କ ଯୋଗେଇ ଦିଆଯାଉ। ପ୍ରାୟ ୬ଟି ଗ୍ରାମର ଜନସାଧାରଣ ସୁବେରିପଙ୍ଗା ଜିଓ ନେଟ୍‌ୱାର୍କ ଉପରେ ନିର୍ଭର କରନ୍ତି। ଲିଖିତ ବିଷୟକୁ ଗୁରୁତର ସହ ଗ୍ରହଣ କରିବାକୁ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ବାଧ୍ୟ ହୋଇ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ।

## କିଟ୍ ବିଶ୍ୱବିଦ୍ୟାଳୟ-ହିଲଟପ୍ ସ୍ନାତକ ମହାବିଦ୍ୟାଳୟ ଏମ୍‌ଓୟୁ



ମୋହନା, ୯।୧୨(ମନ୍ମଥ ମିଶ୍ର)

କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଓ ମୋହନା ହିଲଟପ୍ ସ୍ନାତକ ମହାବିଦ୍ୟାଳୟ ମଧ୍ୟରେ ଗତ ୭ ତାରିଖରେ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ବିଶ୍ୱବିଦ୍ୟାଳୟ ପରିସରସ୍ଥ ସଭାକକ୍ଷରେ କୁଳପତି ପ୍ରଫେସର ସରନଜିତ ସିଂ ଓ ହିଲଟପ୍ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଶୁଭ୍ରାକାନ୍ତ ମହାନ୍ତିଙ୍କ ମଧ୍ୟରେ ଏହି ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ଜାତୀୟ ଶିକ୍ଷାନୀତି ଓ ନାକ୍ ମାନ୍ୟତା ସମ୍ପର୍କିତ ବିଷୟ ନେଇ ପରସ୍ପର ପରସ୍ପରକୁ ସହଯୋଗ କରିବେ। ଏଥିରେ ପ୍ରଫେସର ଦେବାଶିଷ ବନ୍ଦ୍ୟୋପାଧ୍ୟାୟ, ଜ୍ଞାନରଞ୍ଜନ ମହାନ୍ତି, ସମସ୍ତ ବିଭାଗର ନିର୍ଦ୍ଦେଶକ, ମହାବିଦ୍ୟାଳୟର ଅଧ୍ୟାପକ ଜଗନ୍ନାଥ ପଣ୍ଡା, ପ୍ରଣବାନନ୍ଦ ପାଟ୍ରସି ଓ ମନୋରଞ୍ଜନ ପାଣିଗ୍ରାହୀ ଏହି ସମୟରେ ଉପସ୍ଥିତ ଥିଲେ।

# ଖାଲି ସ୍ଥାନରେ ଚାରା ଲଗାଇ ଯତ୍ନ ନିଅନ୍ତି ରଞ୍ଜନ

## ନିଜେ ଚାରା ପ୍ରସ୍ତୁତ କରି ବିଭିନ୍ନ ସ୍ଥାନରେ ଲଗାଇଥାନ୍ତି

ଖଜୁରୀପଡ଼ା, ୯।୧୨ ( ବିଦୁର ବେହେରା)



ଗଛ ଲଗାଇ ପରିବେଶକୁ ସବୁଜ ସୁନ୍ଦର କରିବା ତାଙ୍କ ଲକ୍ଷ୍ୟ। ଗ୍ରାମର ଯେକୌଣସି ସ୍ଥାନ ପଡିଆ ପଡିଥିଲେ ସେ ସେଠାରେ ନେଇ ଗଛଟିଏ ଲଗାନ୍ତି। ଅନ୍ୟକୁ ଲଗାଇବାକୁ ପରାମର୍ଶ ଦିଅନ୍ତି। ସେ ହେଉଛନ୍ତି ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୃତିମେଣ୍ଡି ପଞ୍ଚାୟତ ସମ୍ପେପଦର୍ ଗାଁର ରଞ୍ଜନ କୁମାର ସେଠୀ। ତାଙ୍କ କାର୍ଯ୍ୟ ଓ ପ୍ରୟାସ ପାଇଁ ତାଙ୍କୁ ଅଞ୍ଚଳରେ 'ବୃକ୍ଷବନ୍ଧୁ ରଞ୍ଜନ' ବୋଲି ସମସ୍ତେ କୁହନ୍ତି । ସାରା ବିଶ୍ୱ ବର୍ତ୍ତମାନ ପରିବେଶ କ୍ଷେତ୍ରରେ ବିଷମ ସ୍ଥିତି ଦେଇ ଗତି କରୁଛି। ପ୍ରତ୍ୟେକ ଦିନ ଅନେକ ପରିବର୍ତ୍ତନ ଘଟୁଛି। କେତେବେଳେ ତାପମାତ୍ରା ବୃଦ୍ଧି ତ କେତେବେଳେ ସୁନାମୀ, ଭୂମିକମ୍ପର ମଧ୍ୟ ସାମ୍ନା କରୁଛି ମଣିଷ। ଜଳବାୟୁ ପରିବର୍ତ୍ତନର ପ୍ରମୁଖ କାରଣ ମଧ୍ୟରୁ ଗୋଟିଏ ହେଉଛି ଗଛ ସଂଖ୍ୟା ହ୍ରାସ ପାଇବା। ବିଭିନ୍ନ ପ୍ରକାର ସରକାରୀ ପ୍ରକଳ୍ପ, ଘର, ରାସ୍ତା ନିର୍ମାଣ ପାଇଁ ଦିନକୁ ଦିନ ଜଙ୍ଗଲ ନଷ୍ଟ ହେବାରେ ଲାଗୁଛି। ଅମ୍ଳଜାନ ସ୍ତର ହ୍ରାସ ପାଇବା ସହିତ ଅଙ୍ଗାରକାମ୍ଳର ମାତ୍ରା ବଢି ଚାଲି ତାପମାତ୍ରା ବୃଦ୍ଧି ପାଉଛି। ପରିବେଶ ପ୍ରଦୂଷଣ ମଧ୍ୟ ହେଉଛି। ଏହାକୁ ଅନୁଭବ କରି ରଞ୍ଜନ ଗଛ ଲଗାଇବାକୁ ନିଜର ଦାୟିତ୍ୱ ଭାବି ନେଇଛନ୍ତି।

ପେଶାରେ ସେ ଜଣେ ସରକାରୀ ଚାକିରିଆ, ମାତ୍ର ଗଛ ଲଗାଇ ପରିବେଶକୁ ସବୁଜିମା କରିବା ତାଙ୍କ ନିଶା ପାଲଟିଛି। ଏଥିପାଇଁ ସେ ନିଜର ଦେଢ଼ ଏକର ଜାଗାରେ କାଜୁ, ଲିଚୁ ଚନ୍ଦନ, ଲିମ୍ବ ସଜନା, ଆମ୍ବ, ପଣସ ଓ ଔଷଧୀୟ ବୃକ୍ଷ ଅସଗନ୍ଧା ଚାରା ପ୍ରସ୍ତୁତ କରୁଛନ୍ତି। କେବଳ ଗଛ ଲଗାଇ ଚୁପ୍ ରୁହନ୍ତିନି ରଞ୍ଜନ, ଏହାର ରକ୍ଷଣାବେକ୍ଷଣ ପାଇଁ ଏହାର ଚାରି ପାର୍ଶ୍ୱ ତାର ଜାଲିରେ ବାଡ କରି ସବୁପ୍ରକାର ଯତ୍ନ ନିଅନ୍ତି ସେ। ତାଙ୍କର କାମରେ ତାଙ୍କ ସ୍ତ୍ରୀ ତାଙ୍କୁ ସହଯୋଗ କରନ୍ତି । ପ୍ରଥମେ ବିଭିନ୍ନ ଜାଗାରୁ ମଞ୍ଜି ସଂଗ୍ରହ କରି ଚାରା ପ୍ରସ୍ତୁତ କରନ୍ତି। ଚାରା ବଢ଼ିବା ପରେ ସେ ଏହାକୁ ଗାଁ ରାସ୍ତା, ଜାତୀୟ ରାଜପଥ କଡ ସହ ବିଭିନ୍ନ ସ୍ଥାନରେ ଲଗାଇବା ବ୍ୟବସ୍ଥା କରନ୍ତି। ଗଛ ଲଗାଇଲେ ଆମେ ସୁସ୍ଥ ପରିବେଶ ପାଇବା ସହ ଆମପୁରୁଣା ପୃଥିବୀକୁ ଫେରାଇ ଆଣିବାରେ ସକ୍ଷମ ହେବା ବୋଲି କହନ୍ତି ବୃକ୍ଷବନ୍ଧୁ ରଞ୍ଜନ।

## ସାମାଜିକ ନାଟକ ମଞ୍ଚସ୍ଥ

ଦିଗପହଣ୍ଡି, ୯।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ବୋରିପଦର ଗ୍ରାମର କଳିଙ୍ଗ ଯୁବ ନାଟ୍ୟ ସଂସଦର ୩୩ ତମ ଅବଦାନ ସ୍ୱରୂପ ସାମାଜିକ ନାଟକ 'ହାଃ କୃଷ୍ଣ ବୋଲି ଯାଉ ଜୀବ' ମଞ୍ଚସ୍ଥ ହୋଇଯାଇଛି। ସଂସଦ ପରାମର୍ଶଦାତା ଉମାକାନ୍ତ ସାହୁ ଓ ସରପଞ୍ଚ ମନୋରଞ୍ଜନ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବିଧାୟକ ପ୍ରତିନିଧି ନଳିନୀ ବିଷୋୟୀ, ରାଜ୍ୟ ସରପଞ୍ଚ ମହାସଂଘ ସମ୍ପାଦକ ତପନ ଚକ୍ରବର୍ତ୍ତୀ, ଦକ୍ଷିଣାଞ୍ଚଳ ଜୋନ ସଭାପତି ଭବାନୀ ଶଙ୍କର ମଲିକ, ସାମାଜିକ କର୍ମୀ ଗୋପାଳ ମେକାପ, ଜ୍ଞାନରଞ୍ଜନ ପାଣିଗ୍ରାହୀ, ବ୍ଲକ ସରପଞ୍ଚ ସଂଘ ସଭାପତି ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ଗଡ଼ଗୋବିନ୍ଦପୁର ସରପଞ୍ଚ ରଞ୍ଜନ ସାହୁ, ଖମ୍ବାରୀ ଗାଁ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ, ଗୋକର୍ଣ୍ଣପୁର ସରପଞ୍ଚ ପ୍ରତିନିଧି ସନ୍ତୋଷ ଦୋରା, ଫାସିଗୁଡ଼ା ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ, ପୂର୍ବତନ ସରପଞ୍ଚ ପୀତାମ୍ବର ଗୌଡ଼, ସନ୍ତୋଷ ପାତ୍ର, ଗ୍ରାମ୍ୟ କମିଟି ସଭାପତି କେଶବ ଗୌଡ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟ ସଂସଦ ସଭାପତି ନିରଞ୍ଜନ ପାଣିଗ୍ରାହୀ, ମ୍ୟାନେଜର ସିମାଞ୍ଚଳ ଗୌଡ଼ ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# କଲେଜ ଛାତ୍ରୀଙ୍କୁ ଦୋକାନୀଙ୍କ ବଳାତ୍କାର ଉଦ୍ୟମ

## ଅଭିଯୁକ୍ତଙ୍କୁ ଉତ୍ତମ ମଧ୍ୟମ ଦେଲେ ଛାତ୍ରୀଛାତ୍ର

ଜି.ଉଦୟଗିରି, ୯।୧୨(ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଦୋକାନ ଭିତରକୁ ଭିଡ଼ି ନେଇ ଅସଦାଚରଣ ସହ ବଳାତ୍କାର ଉଦ୍ୟମ କରୁଥିବା ବେଳେ ଅନ୍ୟ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ଦ୍ୱାରା ଉଦ୍ଧାର କରାଯାଇଛି। ଅଭିଯୁକ୍ତଙ୍କୁ ଛାତ୍ରୀଛାତ୍ର ଓ ସାଧାରଣ ଲୋକେ ମାଡ଼ ମାରିଛନ୍ତି। ଏହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟରେ ପଢୁଥିବା ପୀଡ଼ିତା ଛାତ୍ରୀ ପାବୁରିଆ ଅଞ୍ଚଳର ବୋଲି ଜଣାପଡ଼ିଛି। ଛାତ୍ରୀଙ୍କ କହିବାନୁସାରେ ପ୍ରତିଦିନ ଭଳି କଲେଜ କ୍ଲାସ ସାରି ସେ ଘରକୁ ଫେରିବାକୁ ଜି.ଉଦୟଗିରି ବନ୍ଧଛକ ପାବୁରିଆ ଯିବା ବସ୍‌ଷ୍ଟାଣ୍ଡ ଠାରେ ଥିବା କମ୍ପ୍ଲେକ୍ସ ନିକଟରେ ବସ୍‌କୁ ଅପେକ୍ଷା କରିଥିଲେ। ସେହି ସମୟରେ ସେଠାରେ ଥିବା କମ୍ପ୍ଲେକ୍ସର ଷ୍ଟେସନାରୀ ଦୋକାନକୁ କିଛି ଜିନିଷ କିଣିବା ପାଇଁ ଯାଇଥିଲେ। ଦୋକାନ ମାଲିକ ସନ୍ତୋଷ ସାହୁ ଦୋକାନ ଖାଲି ଥିବା ଦେଖି ଉକ୍ତ ଛାତ୍ରୀଙ୍କୁ ହାତ ଧରି ଜୋର ଜବରଦସ୍ତ ଉପର ମହଲା କୋଠରିରେ ଥିବା ନିଜ ବେଡ୍ ରୁମ୍‌କୁ ନେଇ ବଳପୂର୍ବକ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ଚିତ୍କାର କରିବାରୁ ତଳେ ରାସ୍ତାରେ କିଛି ଛାତ୍ରୀଛାତ୍ର ଚିତ୍କାର ଶୁଣି ଦୋକାନ ଭିତରକୁ ପଶି ଛାତ୍ରୀଙ୍କୁ ଉଦ୍ଧାର ପରି ପୋଲିସ୍‌କୁ ଜଣାଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚିବା ପୂର୍ବରୁ ଦୋକାନ ମାଲିକଙ୍କୁ କଲେଜ ଛାତ୍ରୀଛାତ୍ରମାନେ ଉତ୍ତମ ମଧ୍ୟମ କରି ମାଡ଼ ମାରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଉଦ୍ଧାର କରି ଥାନାକୁ ନେଇ ଅଟକ ରଖିଛି। ଛାତ୍ରୀଙ୍କ ମାଆ ଓ ସମ୍ପର୍କୀୟ ଘଟଣା ସ୍ଥଳରେ ପହଞ୍ଚି ଝିଅ ପ୍ରତି ବଳାତ୍କାର ଉଦ୍ୟମ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏହିପରି ଘଟଣାକୁ ରାଷ୍ଟ୍ରୀୟ ଆଦିବାସୀ ଏକତା ମିଶନ, କୁଇ ସମାଜ ପରିଷଦ, ବୁଦ୍ଧିଜୀବୀଙ୍କ ସମେତ ଅନ୍ୟମାନେ ତୀବ୍ର ନିନ୍ଦା କରିଛନ୍ତି। ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ଦାବି କରିଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଓ ଟେଲିକମ୍ ଇଞ୍ଜିନିୟର, ଦ.ପୂ. ରେଳପଥ, ଚକ୍ରଧରପୁର ନିମ୍ନଲିଖିତ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। (୧) ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୪-୨୫-୧୦୫; କାର୍ଯ୍ୟର ନାମ: ବନ୍ଦ ଏଲ୍.ସି. ନଂ. ୨୫୫ ଏବଂ ଏଚ୍‌ବି-୫୭ ବଦଳରେ ଆରୟୁବି/ଏଲ୍‌ଏଚ୍‌ଏସ୍‌ର ନିର୍ମାଣ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ; ଟେଣ୍ଡର ମୂଲ୍ୟ: ₹୩୩,୫୫,୫୩୧.୬୦; ଅମାନତ ରାଶି: ₹୬୭,୧୦୦.୦୦; (୨) ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୪-୨୫-୧୦୬; କାର୍ଯ୍ୟର ନାମ: ଅମୃତ ଭାରତ ଷ୍ଟେଶନ ଯୋଜନା (ସୁଗମ୍ୟ ଭାରତ ଫେଜ୍-II) ଅଧୀନରେ ଚକ୍ରଧରପୁର, ରାଜଖରସୁଆଁ ଏବଂ ରାଜଗାଙ୍ଗପୁରଠାରେ ୭ ଗୋଟି ଲିଫ୍‌ଟର ବ୍ୟବସ୍ଥା ନିମନ୍ତେ ଏସ୍ ଆଣ୍ଡ ଟି କାର୍ଯ୍ୟ; ଟେଣ୍ଡର ମୂଲ୍ୟ: ₹୪୨,୩୬,୩୧୯.୬୧; ଅମାନତ ରାଶି: ₹୮୪,୭୦୦.୦୦; (୩) ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୪-୨୫-୧୦୭; କାର୍ଯ୍ୟର ନାମ: ପାଟସାହି ଷ୍ଟେଶନଠାରେ ଅତିରିକ୍ତ ଲୋଡିଂ ଲାଇନ୍‌ର ନିର୍ମାଣ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ; ଟେଣ୍ଡର ମୂଲ୍ୟ: ₹୧,୫୫,୬୬,୯୭୫.୮୯; ଅମାନତ ରାଶି: ₹୨,୨୭,୮୦୦.୦୦; (୪) ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୪-୨୫-୧୦୮; କାର୍ଯ୍ୟର ନାମ: ରଙ୍ଗରା ଷ୍ଟେଶନଠାରେ ଅତିରିକ୍ତ ଲୋଡିଂ ଲାଇନ୍‌ର ନିର୍ମାଣ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ; ଟେଣ୍ଡର ମୂଲ୍ୟ: ₹୧,୧୨,୨୩,୩୯୦.୦୦; ଅମାନତ ରାଶି: ₹୨,୦୬,୧୦୦.୦୦; ସମାପ୍ତି ଅବଧି: ୧୨ ମାସ (ସମସ୍ତ ବିଡ୍); ଖୋଲାଯିବା ତାରିଖ: ତା୩୦।୧୨।୨୦୨୪ରିଖ ୧୫.୦୦ ଘଟିକା (ସମସ୍ତ ବିଡ୍); ଏହି ଟେଣ୍ଡର ପାଇଁ ମାନୁଆଲ ଅଫରଗୁଡ଼ିକ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ । (PR-882)


# ୭ଶହ ଛାତ୍ରୀଛାତ୍ରଙ୍କୁ ନେଇ ବାର୍ଷିକ କ୍ରୀଡ଼ା




ଛାତ୍ରୀଛାତ୍ରଙ୍କ ସହ ଅତିଥି ଏବଂ ଶିକ୍ଷକମାନେ ।

ଫୁଲବାଣୀ, ୯।୧୨(ରାକେଶ କୁମାର ରାଉତ)

କନ୍ଧମାଳ ଷ୍ଟାଡ଼ିୟମ୍‌ରେ ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟର ତିନିଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ପାୟଲ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମଶାଲ୍ ଶୋଭାଯାତ୍ରା ହୋଇଥିଲା । ମୁଖ୍ୟଅତିଥି ଭାବେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ସମୀର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିବାକର ଡ଼ାକୁଆ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କଲ୍ଲୋଳିନୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ାର ଆବଶ୍ୟକତା ଓ ଏହାର ଗୁରୁତ୍ୱ ଉପରେ ଅବଗତ କରାଇଥିଲେ । ବିଦ୍ୟାଳୟର ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ୍ ହୋଇ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ଯୋଗ ନୃତ୍ୟ ପରିବେଷଣ ହୋଇଥିଲା । ବରିଷ୍ଠ ଶିକ୍ଷକ ଦିଲୀପ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ରାକେଶ ବିଶୋୟୀ ଧନ୍ୟବାଦ ଦେଇଥିଲେ ।

# ପିଣ୍ଡାରେ ପିଲାଙ୍କ ଭବିଷ୍ୟତ ଗଢ଼ା

## ରଙ୍ଗମାଟିଆ ବିଦ୍ୟାଳୟ, ପିଇବା ପାଇଁ ରଙ୍ଗପାଣି ଭରସା

ମୋହନା, ୯।୧୨(ମନ୍ମଥ ମିଶ୍ର)–



ବିଦ୍ୟାଳୟ ପିଣ୍ଡାରେ ବସି ପଢୁଥିବା ଛାତ୍ରୀଛାତ୍ର।

ସରକାରୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଉନ୍ନତମାନର ଶିକ୍ଷା ପ୍ରଦାନ ଲାଗି ସରକାର ବହୁ ଅର୍ଥ ବ୍ୟୟ କରୁଛନ୍ତି। ମାତ୍ର ବିଦ୍ୟାଳୟଗଡ଼ିକର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦେଉନାହାନ୍ତି। କେଉଁଠି ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି ତ କେଉଁଠି ପିଲାମାନେ ପଢିବାକୁ ଶ୍ରେଣୀଗୃହ ନାହିଁ। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପିଣ୍ଡାରେ ବସି ପାଠ ପଢୁଛନ୍ତି। ଏପରି ଏକ ବିଦ୍ୟାଳୟ ରହିଛି ଗଜପତି ଜିଲାର ମୋହନା ବ୍ଲକରେ । ମୋହନା ସଦର ମହକୁମାରେ ଥିବା ରଙ୍ଗମାଟିଆ ପ୍ରାଥମିକ ଉଚ୍ଚ ବିଦ୍ୟାଳୟରେ ଏପରି ଦେଖିବାକୁ ମିଳିଛି। ୨୦୦୯ରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୨୪୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ମାତ୍ର ତିନୋଟି ଶ୍ରେଣୀ ଗୃହ ରହିଛି। ଏହା ଏତେସଂଖ୍ୟକ ଛାତ୍ରୀଛାତ୍ରଙ୍କ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ବାଧ୍ୟହୋଇ ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଣ୍ଡାରେ ବସାଇ ବର୍ଷ ସାରା ଛାତ୍ରୀଛାତ୍ରଙ୍କୁ ପାଠ ପଢାଉଛନ୍ତି। ପିଣ୍ଡାରେ ପିଲାଙ୍କ ଭବିଷ୍ୟତ ଗଢ଼ା ଚାଲିଛି। ଅନ୍ୟପକ୍ଷରେ ବିଦ୍ୟାଳୟରେ ପାନୀୟଜଳ ସମସ୍ୟା ରହିଛି। ଏଠାରେ ଥିବା ନଳକୂପରୁ ରଙ୍ଗ ପାଣି ବାହାରୁଛି। ମଧ୍ୟାହ୍ନଭୋଜନ ଖାଇବା ପାଇଁ ନିର୍ମାଣ ହୋଇଥିବା ଟିଣଛପର ଘରେ ଦୁଇଟି ବ୍ଲାକ ବୋର୍ଡ ରହିଛି। ଏଠାରେ ଦୁଇଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଯାଉଛି। ବିଦ୍ୟାଳୟ ପରିବେଶ ସୁନ୍ଦର କରିବାକୁ ବିଭିନ୍ନ ଗଛ ଲଗାଯାଉଛି। ହେଲେ ପାଚେରି ନ ଥିବାରୁ ଗୋରୁ ପଶି ଗଛସବୁ ନଷ୍ଟ କରି ଦେଉଛନ୍ତି। ଏନେଇ ପୂର୍ବରୁ ବିଡ଼ିଓ ରାଜୀବ ଦାସ ବିଦ୍ୟାଳୟ ପରିଦର୍ଶନ କରି ସମସ୍ୟା ଦେଖିଥିଲେ ମଧ୍ୟ କୌଣସି ସମସ୍ୟାର ସମାଧାନ କରିନାହାନ୍ତି। ବିଡ଼ିଓ ଦାସଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଲେ, ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଅର୍ଥ ମଞ୍ଜୁର ହେଲେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।


बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ସ୍କୋୟାର ନିକଟ, ଭୁବନେଶ୍ୱର - ୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଗାଡ଼ି ନିଲାମ/ ବିକ୍ରୟ ନୋଟିସ୍**

ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ଗାଡି ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଦଖଲ ନିଆଯାଇଅଛି, ଯାହାକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତାଙ୍କ ଠାରୁ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀ ଅନୁଯାୟୀ ନିମ୍ନଦର୍ଶିତ ନିଲାମ ତାରିଖରେ ଗାଡିକୁ ବିକ୍ରୟ କରାଯିବ। ଋଣଗ୍ରହୀତାଙ୍କ ବିବରଣୀ, ବକେୟା ଦେୟ, ଗାଡ଼ିର ସଂକ୍ଷିପ୍ତ ବିବରଣୀ, ଦଖଲର ପ୍ରକାର, ସଂରକ୍ଷିତ ମୂଲ୍ୟ, ଅମାନତ ଜମା ରାଶି ଓ ବିଡ୍ ବୃଦ୍ଧି ପରିମାଣର ସବିଶେଷ ବିବରଣୀ ନିମ୍ନମତେ ପ୍ରଦତ୍ତ:

| ଶାଖାର ନାମ/ ଶାଖା ପ୍ରବନ୍ଧକଙ୍କ ନାମ / ଯୋଗାଯୋଗ ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ ବକେୟା ଦେୟ (ଟଙ୍କାରେ) | ଗାଡ଼ିର ବିବରଣୀ/ ଦଖଲ ପ୍ରକାର | ସଂରକ୍ଷିତ ମୂଲ୍ୟ /ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ | ଗାଡି ଯାଞ୍ଚ କରିବା ନିମନ୍ତେ ଠିକଣା |
|---|---|---|---|---|
| ବ୍ରହ୍ମପୁର ଶାଖା, ଶ୍ରୀ ସତ୍ୟଜିତ୍ ରାଉତ, ମୋ.: ୬୩୭୦୭୦୪୮୫୩ | ଋଣଗ୍ରହୀତା: ଶ୍ରୀ ଜଗନ୍ନାଥ ତ୍ରିପାଠୀ, ସା/ପୋ: ଯାମିନୀ, ଭାୟା: ପୁରୁଷୋତ୍ତମପୁର, ଅଶୋକ ହାଇ ସ୍କୁଲ ନିକଟ, ବ୍ରହ୍ମପୁର, ଗଞ୍ଜାମ-୭୬୧୦୧୮, ଓଡ଼ିଶା / ବକେୟା ଦେୟ: ଟ.୮,୯୩,୪୦୯.୭୨ + ୦୬.୧୨.୨୦୨୪ ଠାରୁ ଭବିଷ୍ୟତ ସୁଧ | Make: Tata, Model: Nexon, Chassis No.: MAT627129MLH62940, Engine No.: REVTRN11HYKK80289, Regd. No.: OD07AK2552, Year of Manufacturing: 2021 / ଭୌତିକ | ଟ.୫,୬୦,୦୦୦/- / ଟ.୫୬,୦୦୦/- / ଟ.୨୫,୦୦୦/- | ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ବ୍ରହ୍ମପୁର ଶାଖା, ମନ୍‌ସୁନ୍ ହାଉସ୍, ଧର୍ମ ନଗର, ଲୋହିଆ ମୋଟର୍ସ ନିକଟ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୨ |

ଇ-ନିଲାମ ତାରିଖ ଏବଂ ସମୟ: ୨୭.୧୨.୨୦୨୪ ଅପରାହ୍ନ ୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ, ୫ ମିନିଟ୍‌ର ସ୍ୱତଃ ବର୍ଦ୍ଧିତ ସମୟ ସହିତ ଯଦି ଶେଷ ୫ ମିନିଟ୍ ମଧ୍ୟରେ ବିଡ୍ ଦାଖଲ ହୋଇଥାଏ

ବିଡ୍ / ଅମାନତ ରାଶି ଜମା ଓ ପ୍ରମାଣ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ ଓ ସମୟ : ୨୭.୧୨.୨୦୨୪ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ

ଗାଡିର ତନଖି ତାରିଖ ଏବଂ ସମୟ : ୨୪.୧୨.୨୦୨୪ ସୁଦ୍ଧା ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ

ଦ୍ରଷ୍ଟବ୍ୟ : ଏହି ନୋଟିସ୍‌ଟି ସମ୍ପୃକ୍ତ ଋଣଗ୍ରହୀତାଙ୍କ ନିମନ୍ତେ ୧୫ ଦିନିଆ ନୋଟିସ୍ ଭାବେ ବିବେଚନା କରାଯିବ। ଗାଡିର ନିଲାମ ବିକ୍ରୟ ଅନ୍‌ଲାଇନ୍ ଇ-ନିଲାମ / ବିଡିଙ୍ଗ୍ ୱେବ୍‌ସାଇଟ୍ https://baanknet.com ମାଧ୍ୟମରେ ଅନୁଷ୍ଠିତ ହେବ। ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଦୟାକରି ବ୍ୟାଙ୍କର ୱେବ୍‌ସାଇଟ୍ https://www.bankofmaharashtra.in ଏବଂ ଇ-ନିଲାମ ୱେବ୍‌ସାଇଟ୍ https://baanknet.comରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ।

ସ୍ଥାନ : ଭୁବନେଶ୍ୱର
ତାରିଖ : ୧୦.୧୨.୨୦୨୪

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ଼ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE),
IICA Building, 7th Floor,
Plot P- 6, 7, 8, Sector-5,
IMT Manesar,
Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬
**ସର୍ବସାଧାରଣ ବିଜ୍ଞପ୍ତି**
[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୧୨୪୯ ତାରିଖ:- ୦୫।୧୧।୨୦୨୪
ସନ୍ଦର୍ଭ:
(୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୨)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୧୪୩୮୯୨୨ | ୟୁ୫୨୩୯୯ଓଆର୍୨୦୨୨ପିଟିସି୦୪୦୧୨୨ | ପହଣ୍ଡି ପ୍ରଡକ୍ଟସ୍ ପ୍ରାଇଭେଟ ଲିମିଟେଡ୍ |
| ୨ | ଏବି୧୬୫୦୨୬୦ | ୟୁ୪୫୨୦୧ଓଆର୍୨୦୧୮ଓପିସି୦୨୯୭୩୦ | ଏନ୍‌ଜିଓସି ଇନ୍‌ଫ୍ରାଷ୍ଟ୍ରକ୍ଚର (ଓପିସି) ପ୍ରାଇଭେଟ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ି)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ଏକ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ତିରିଶ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ଇର୍କାନ ତିର୍କୀ, ସହକାରୀ ନିବନ୍ଧକ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

CBC 07123/11/0557/2425



GOVERNMENT OF ODISHA No. A-688
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
SUBARNAREKHA & BUDHABALANGA BASIN
At/P.O.: Laxmiposi, Dist.: Mayurbhanj
Mail Id.: cebmsbb2019@gmail.com
Government of Odisha, "e" PROCUREMENT NOTICE
Bid Identification No. 04/24-25 of CEBM, SBB, Laxmiposi

| | | |
|---|---|---|
| 1 | Name of Work | A. Renovation of Black Topping Service Road of Haladia Right Main Distributary (HRMD) from RD 2290m to RD 7316m and Jambhirapal Minor from RD 00m to RD 634m alogn with Grade-I Metaling of Service Road of Jambhirapal Minor from RD 645m to RD 1520m and Andhari S/M from RD 00m to RD 710m.<br>B. Renovation of Jambhirapal Minor from RD 00m to RD 4510m, Andhari Sub-Minor from RD 00m to RD 710m and Kathsirsi Sub-Minor from RD 00m to RD 1390m along with Strengthening of the Canal Bank for the year 2024-25.<br>C. Strengthening of the Bank in the vulnerable Zone of Filling Section of Haladia Right Main Distributary (HRMD) from RD 00m to RD 7316m including structural works along with Lining Repair Work. |
| 2 | Estimated Cost | A. Rs.519.75 Lakh<br>B. Rs.691.76 Lakh<br>C. Rs.696.09 Lakh |
| 3 | Bid Security/EMD | A. Rs.5,19,800/-<br>B. Rs.6,91,800/-<br>C. Rs.6,96,100/- |
| 4 | Period of Completion | Sl. No.- A, B & C 18 (Eighteen) Calendar Months |
| 5 | Class of Contractor | For Sl. No. A:- "A" Class<br>For Sl. No. B & C:- "A" Class and "Special" Class |
| 6 | Date & Time of availability of Bid document in the Portal | 12.12.2024 at 10.00 A.M. |
| 7 | Last date/time for receipt of Bid in the Portal | 02.01.2025 upto 5.00 P.M. |
| 8 | Date of Opening of Bid | 03.01.2025 at 11.00 A.M. |
| 9 | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in".

Sd./- Chief Engineer & Basin Manager
Subarnarekha & Budhabalanga Basin
Laxmiposi, Mayurbhanj

OIPR-32429/11/0004/2425

## ସଂକ୍ଷେପରେ

### ଇତିହାସ ବିଭାଗର ପାଠଚକ୍ର

ଆସିକା, ୯।୧୨(ସୁରେନ୍ଦ୍ରନାଥ ସାହୁ)

ଆସିକା ବ୍ଲକ କେନ୍ଦୁପଦରସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ସୋମବାର ଇତିହାସ ବିଭାଗ ପକ୍ଷରୁ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହରିଶଙ୍କର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଙ୍ଗୀତା ପଟ୍ଟନାୟକ ସଂଯୋଜନା କରିଥିଲେ । ଇତିହାସ ବିଭାଗ ମୁଖ୍ୟ ବିକାଶ ଦିଗାଲଙ୍କ ତତ୍ତ୍ୱାବଧାନରେ କେ. ଜ୍ୟୋତି ପାତ୍ର 'ଏକ ଶତାବ୍ଦୀର ସଂଘର୍ଷ ଓଡିଆ ଜାତୀୟତାବାଦ ଓ ଅସ୍ମିତା' ସନ୍ଦର୍ଭ ଉପସ୍ଥାପନ କରିଥିଲେ । ମାହାଙ୍ଗା ଖାଡେଶ୍ୱର ମହାବିଦ୍ୟାଳୟ ଇତିହାସ ଅଧ୍ୟାପକ ଗୁରୁ ପ୍ରସାଦ ପରିଡା ସାଧନା ବ୍ୟକ୍ତି ଭାବେ ଯୋଗଦେଇ ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶୈକ୍ଷିକ ଅଧିକାରୀ ଡ. କୁନାସୁନା, ଅଭିଷେକ ବେହେରା, ରୁଦ୍ରପ୍ରସାଦ ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ଦୃଢ଼ କାର୍ଯ୍ୟାନୁଷ୍ଠାନ ଅଭାବରୁ ଦୁର୍ନୀତି ହଟୁନି

ବ୍ରହ୍ମପୁର,୯।୧୨( ସୁବାସ ଚନ୍ଦ୍ର ପାଢ଼ୀ)

ସମାଜରେ ଦୁର୍ନୀତି ଛାଇ ହୋଇଗଲାଣି। ପ୍ରତ୍ୟେକ ସ୍ତରରେ ଏହା ସୀମା ଲଂଘନ କରୁଥିବାରୁ ଗରିବ ଓ ଦୁର୍ବଳ ଶ୍ରେଣୀ ନିକଟରେ ସରକାରୀ ସହାୟତା ପହଞ୍ଚ ପାରୁନାହିଁ। କିନ୍ତୁ ଦୁର୍ନୀତି ନିବାରଣ ବିଭାଗ ତରଫରୁ ଦୁର୍ନୀତିକୁ ହଟାଇବା ପାଇଁ ସତଚେଷ୍ଟା କରାଯାଉଛି। ଅନେକ ଲୋକଙ୍କୁ ଗିରଫ କରାଯାଉଛି, ବହୁ ସମ୍ପତ୍ତି ଠାବ କରାଯାଉଛି। ସ୍କୁଲ, କଲେଜ, ସାମାଜିକ ସ୍ତରରେ ଅନେକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ପ୍ରତି ବିଭାଗ ପକ୍ଷରୁ ବି ଏହି ଦୁର୍ନୀତି ନିବାରଣ ଦିବସ ବି ପାଳନ କରାଯାଉଛି ତଥାପି ଦୁର୍ନୀତି ହଟିବାର ନାଁ ନେଉନି। ଦୃଢ଼ କାର୍ଯ୍ୟାନୁଷ୍ଠାନର ଅଭାବ ହିଁ ଏହାର କାରଣ ବୋଲି ଜାଣିବା ଶୁଣିବା ମହଲରୁ ମତ ମିଳୁଛି। ସୋମବାର ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ ଦିବସ ଥିବାରୁ ବିଭିନ୍ନ ସ୍ଥାନରେ ଏହାକୁ ପାଳନ କରାଯାଇଛି। ଏହା କେବଳ ଜଣେ ବ୍ୟକ୍ତି କିମ୍ବା ସମ୍ପ୍ରଦାୟର ସମସ୍ୟା ନୁହେଁ, ବର୍ତ୍ତମାନ ଦୁର୍ନୀତି ପୂରା ବିଶ୍ୱର ସମସ୍ୟା ପାଲଟିଯାଇଛି। ଏହା ଦ୍ୱାରା ଧନୀ, ଧନୀ ହୋଇଯାଉ ଥିବାବେଳେ ଗରିବ, ଗରିବ ହୋଇ ରହିଯାଉଛି। ଲାଞ୍ଚ ନଦେଲେ କାମ ହେଉନି। ଏଭଳି ପରିସ୍ଥିତିରେ ସମାଜର ବଞ୍ଚିତ ବର୍ଗର କଲ୍ୟାଣ ପାଇଁ ଦୁର୍ନୀତି ଦୂର କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଲାଞ୍ଚ ଦେବା ଓ ନେବା ଅପରାଧ ବୋଲି ଘୋଷଣା କରାଯାଇଛି। ଏଥିସହିତ ଅନେକ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ବି କରାଯାଉଛି। ପ୍ରତିବର୍ଷ ୧ ଲକ୍ଷ କୋଟି ଲାଞ୍ଚ ପ୍ରଦାନ କରାଯାଉଥିବାବେଳେ ଆନୁମାନିକ ୨.୬ ଲକ୍ଷ କୋଟି ଟଙ୍କା ଦୁର୍ନୀତି ମାଧ୍ୟମରେ ଆଦାୟ ହୋଇଥାଏ । ଯଦି ଦୁର୍ନୀତି ତାଲିକାକୁ ଦେଖାଯାଏ ଦେଶରେ ଓଡ଼ିଶା ସର୍ବନିମ୍ନ ସ୍ତରରେ ରହିଛି। ସେହିପରି ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲାକୁ ଦେଖିଲେ ଚଳିତ ଆର୍ଥିକ ବର୍ଷର ନଭେମ୍ବର ସୁଦ୍ଧା ୧୨ ଜଣ ଲାଞ୍ଚ ନେଇ ଧରାପଡିଛନ୍ତି। ସେଥିରେ ଗଞ୍ଜାମର ୬, କନ୍ଧମାଳର ୪, ବୌଦ୍ଧ ଜିଲାର ୨ଟି ମାମଲା ରହିଛି। ସେହିପରି ୩ଟି ଆୟ ବହିର୍ଭୂତ ମାମଲା ରହିଛି। ଏଥିରେ ବ୍ରହ୍ମପୁରର ଏମଆଇ ଡିଭିଜନର ପ୍ରସନ୍ନ କୁମାର ପାଢ଼ୀଙ୍କ ୬୨ ଲକ୍ଷ ୯୨ ହଜାର ୮୬୫ ଟଙ୍କା ସମ୍ପତ୍ତି ଠୁଳ ଧରାପଡିଥିବା ଜଣାପଡିଛି। ସେହିପରି ଛତ୍ରପୁର ବିଓ ସୀତାରାମ ପାତ୍ରଙ୍କ ୧ କୋଟି ୯ ଲକ୍ଷ ୨୬ ହଜାର ୭୦୦ ଟଙ୍କା, ଭଞ୍ଜନଗର ଜଳସେଚନ ବିଭାଗର ଆସିଷ୍ଟାଣ୍ଟ ସିଭିଲ ଇଂଜିନିୟର ପ୍ରସନ୍ନ କୁମାର ସ୍ୱାଇଁଙ୍କ ୮ କୋଟି ୧୧ ଲକ୍ଷ ୩୮ ହଜାର ୬୧୪ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଧରାପଡିଥିଲା। ଉପରୋକ୍ତ ଦୁର୍ନୀତି କ୍ଷେତ୍ରରେ ପ୍ରାୟ ୧୨ ଜଣଙ୍କୁ ଗିରଫ କରାଯାଇଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି। ସେଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ଦୁର୍ନୀତି କମୁନାହିଁ। ପ୍ରଶାସନ ପକ୍ଷରୁ ଏଥିପ୍ରତି ଗୁରୁତ୍ୱ ଦେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରୁ ମତ ମିଳୁଛି।

## ଏମ୍‌କେସିଜିରେ ପିଏମ୍‌ଏସ୍‌ଏମଏ କକ୍ଷ ଉଦ୍‌ଘାଟିତ



ଉଦଘାଟନ ଅବସରରେ ଉପସ୍ଥିତ ଡିନ ଓ ଅନ୍ୟମାନେ।

ବ୍ରହ୍ମପୁର,୯।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏମକେସିଜି) ମେଡିକାଲ କଲେଜ ଓ ହସପିଟାଲର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ଆଉଟଡୋରରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ(ପିଏମଏସଏମଏ) କକ୍ଷ ସୋମବାର ଉଦଘାଟିତ ହୋଇଯାଇଛି । ଏମକେସିଜିର ଡିନ ପ୍ରଫେସର ଡା. ସୁଚିତ୍ରା ଦାସ, ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା, ପ୍ରସୂତି ବିଭାଗ ମୁଖ୍ୟ ପ୍ରଫେସର ଡା. ସଂଘମିତ୍ରା ମହାପାତ୍ର, ଏନଏଚଏମର ସରୋଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ଲକ୍ଷ୍ୟରେ ପ୍ରତ୍ୟେକ ମାସ ୯ ତାରିଖରେ ଗର୍ଭବତୀଙ୍କୁ ମାଗଣା ଓ ଗୁଣଯୁକ୍ତ ଚିକିତ୍ସା ସେବା ଯୋଗାଇବା ହେଉଛି ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଡା. ମହାପାତ୍ର ସୂଚନା ଦେଇଛନ୍ତି। ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ଅଭିଯାନ ଚାଲୁଥିବା ବେଳେ ବର୍ତ୍ତମାନ ମେଡିକାଲ କଲେଜରେ ଆରମ୍ଭ କରାଯାଇଛି ।

## ପୁରାତନ ଛାତ୍ରୀଛାତ୍ର ସମ୍ମିଳନୀ ଉଦ୍‌ଯାପିତ



ଗୋପାଳପୁର, ୯।୧୨(ନବୀନ ରାଜ ଆଚାରୀ)

କନିସି ତହସିଲ ଅଧୀନ ପାଲୁର ହିଲସ୍ଥିତ ନିଷ୍ଟ ଘରେଇ ବିଶ୍ୱବିଦ୍ୟାଳୟ ଆଲୁମିନି ଆସୋସିଏଶନ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଚାଲିଥିବା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୩୫ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ସୁକାନ୍ତ ମହାପାତ୍ର, କୁଳପତି ଡ. ପ୍ରିୟଦର୍ଶନ ପାତ୍ର, କୁଳସଚିବ ଡ଼. ବିଷ୍ଣୁଙ୍କର ନାୟକ, ପୁରାତନ ଛାତ୍ର ସମ୍ପର୍କ ପ୍ରଫେସର ମିଟୁ ବରାଳ ଯୋଗ ଦେଇଥିଲେ। ନିଷ୍ଟ ଓ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଚିରନ୍ତନ ସମ୍ପର୍କ ଉପରେ ଡ. ସୁକାନ୍ତ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱସ୍ତରରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ବୃଦ୍ଧି କରିବାରେ ସେମାନଙ୍କ ଭୂମିକା ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଯେକୌଣସି ଅନୁଷ୍ଠାନର ଅଭିବୃଦ୍ଧିରେ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରିୟଦର୍ଶନ ପାତ୍ର କହିଥିଲେ। ପୁରାତନ ଛାତ୍ରୀଛାତ୍ରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଡ. ବିଷ୍ଣୁକର ନାୟକ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ବି.ଟେକ ଛାତ୍ର ଜସବିନ୍ଦର ସିଂହ ସଂଗୀତ ପରିବେଷଣ କରିଥିଲେ। ପୁରାତନ ଛାତ୍ର ଅଂଶୁମାନ ନାୟକ, ମନୋଜ ସାହୁ, ପୁର୍ନେନ୍ଦୁ ମିଶ୍ର, ସସ୍ମିତା ପାଢ଼ୀ ଏବଂ ପୀତାମ୍ବର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସୋସିଏଟ ଡିନ (ଛାତ୍ର କଲ୍ୟାଣ) ଡ. ପ୍ରୀତିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## ୪ବର୍ଷ ହେଲା ଆଇସିୟୁରେ, ଝିଅ ଚାଲିବା ଆଶା ମଉଳିଯାଉଛି

ବ୍ରହ୍ମପୁର,୯।୧୨(ସୁବାସ ଚନ୍ଦ୍ର ପାଢ଼ୀ)



ଏମକେସିଜି ଶିଶୁ ବିଭାଗରେ ମାନଭି।

ଝିଅ ଜନ୍ମ ପରେ ଆଶା ଥିଲା ସେ ବଡ ହେବ, ସ୍କୁଲ ଯିବ, ସମସ୍ତଙ୍କ ସହ ହସ ଖୁସି ହେବ। ହେଲେ ଶିଶୁ ସମୟରୁ ଆସିଲା ଦୂରାରୋଗ୍ୟ। ଏବେ ୪ ବର୍ଷ ହେଲା ଏମ୍‌କେସିଜି ମେଡିକାଲର ଆଇସିୟୁରେ ଚିକିତ୍ସିତ। ଝିଅର ମୁହଁକୁ ଚାହିଁ ଚାହିଁ ଦାଣ୍ଡରେ ଚାଲିବା ଆଶା ମଉଳିଯାଇଛି। ଯାହା ପାଖରେ ପଇସା ଥିଲା ସବୁ ଖର୍ଚ୍ଚ ହୋଇଯାଇଛି। ପାଖରେ କଣା କଉଡିଟିଏ ନାହିଁ। ଏଭଳି ସ୍ଥିତିରେ ଦିଲ୍ଲୀ ନେଲେ ଏହି ରୋଗ ଅସ୍ତ୍ରୋପଚାର ଦ୍ୱାରା ଭଲ ହେବ ବୋଲି ଶୁଣିବା ପରେ ହତବାକ ହୋଇପଡିଛନ୍ତି ମା' ରୋହିଣୀ ଆଚାର୍ଯ୍ୟ ଓ ବାପା ଯୀଶୁ ଆଚାର୍ଯ୍ୟ। ଝିଅ ପ୍ରତି ଥିବା ସମସ୍ତ ଆଶା ମଉଳିଯିବା ପରେ ଭଗବାନ ଭରସା ବୋଲି ଉଭୟେ କହିଛନ୍ତି। କୌଣସି ବଦାନ୍ୟ ବ୍ୟକ୍ତି ଆର୍ଥିକ ସହାୟତା ଦେଲେ ତାଙ୍କ ଝିଅ ଦାଣ୍ଡରେ ଚାଲିବ ବୋଲି ନିବେଦନ କରିଛନ୍ତି।

ପଶ୍ଚିମବଙ୍ଗ ଖଡଗପୁରର ମୂଳ ବାସିନ୍ଦା ମାନଭିଙ୍କ ପରିବାର। ପରିବାରରେ ମା ରୋହିଣୀ ଆଚାର୍ଯ୍ୟ ଓ ବାପା ଯୀଶୁ ଆଚାର୍ଯ୍ୟ ଅଛନ୍ତି। ମା, ବାପାଙ୍କ କହିବା ଅନୁସାରେ ୭ ବର୍ଷ ତଳେ ଜନ୍ମ ନେଇଥିଲା ଝିଅ ମାନଭି। ଠିକ ୪ ବର୍ଷ ପୂର୍ବେ ପ୍ରଥମେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହେଲା ମାନଭି। ସାଧାରଣ ଥଣ୍ଡା ଓ ଜ୍ୱର ଭାବି ପରିବାର ଲୋକେ ଏମକେସିଜିରେ ଭର୍ତ୍ତି କରିଥିଲେ । ବିଭିନ୍ନ ପରୀକ୍ଷା ହେଲା। କିଛି ଦିନର ଚିକିତ୍ସା ବ୍ୟବଧାନ ପରେ ମଧ୍ୟ ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ବିଭାଗୀୟ କର୍ତ୍ତୃପକ୍ଷ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ନିଅନ୍ତୁ ବୋଲି କହିଲେ। ସେଠି ଗଲା ପରେ ସିଟ ନଥିବା କାରଣରୁ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେଇଗଲା। ହାତ ଉଧାର, ଏନଜିଓର ସାହାଯ୍ୟ ଓ କିଛି ଥିବା ସଞ୍ଚିତ ଅର୍ଥରେ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହେଲେ ମାନଭି। ୪ ମାସର ଚିକିତ୍ସା ପରେ ମଧ୍ୟ କିଛି ସୁଫଳ ମିଳିଲାନି । ପ୍ରାୟ ୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ଏଣିକି ଟଙ୍କା ଅଭାବରୁ ବାଧ ହୋଇ ଏମକେସିଜିରେ ଆସି ପୁଣି ଭର୍ତ୍ତି ହେଲେ। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ସହ ମସ୍ତିଷ୍କକୁ ଠିକ ରୂପରେ ଅମ୍ଳଜାନ ପହଞ୍ଚି ପାରୁନଥିବା କାରଣରୁ ଦୀର୍ଘ ଦିନ ହେଲା ଡାକ୍ତରଖାନାରେ ରହିଲା ପରେ ମଧ୍ୟ ସାଧାରଣ ପିଲାଙ୍କ ପରି ନିଜ ଶୈଶବକୁ ଉପଭୋଗ କରି ପାରୁନାହାନ୍ତି ମାନଭି। ଶିଶୁ ରୋଗ ବିଭାଗରେ ଆସି ରହିବା ପରେ ଆସ୍ତେ ଆସ୍ତେ ଉନ୍ନତି ଆସୁଛି। ମସ୍ତିଷ୍କ ଓ ମେରୁଦଣ୍ଡରେ ଶିରା ପ୍ରସିରାରେ ଏକ ପ୍ରକାର ପାଣି ଜମି ଯାଇଥିବା କାରଣରୁ ଇନଫେକସନ ହେଇଛି। ଟ୍ରାକୋଷ୍ଟମି ଦ୍ୱାରା ସୁସ୍ଥ ଅନୁଭବ କରୁଛି। ବର୍ତ୍ତମାନ ସୁଧାର ଆସିବା କାରଣରୁ ବିନା ଭେଣ୍ଟିଲେଟର ସେ ରହିଛି। ଶିଶୁଟି ସେରିନଗୋ ମାଲିଲା ରୋଗରେ ଆକ୍ରାନ୍ତ ହେଇଛି। ଓଡ଼ିଶା ଅପେକ୍ଷା ଦିଲ୍ଲୀ ଏମ୍ସ ଏହି ରୋଗ ପାଇଁ ସର୍ବୋପରି। ଏମକେସିଜି ଶିଶୁ ବିଭାଗର ସମସ୍ତ ଡାକ୍ତର, କର୍ମଚାରୀ ଅକ୍ଲାନ୍ତ ପରିଶ୍ରମ କାରଣରୁ ସୁସ୍ଥ ଅଛି ବୋଲି କହିଛନ୍ତି ମାନଭିଙ୍କ ମା'ରୋହିଣୀ।

## ସାମୂହିକ ଛୁଟିରେ ଯିବେ ୬୬୨ ବର୍ଗ ବେସରକାରୀ କଲେଜ ଅଧ୍ୟାପକ ଓ କର୍ମଚାରୀ

ବ୍ରହ୍ମପୁର,୯।୧୨(ସ୍ମୃତି ରଞ୍ଜନ ମହାଲିକ)

ନିଖିଳ ଓଡିଶା ୬୬୨ ବର୍ଗ ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘ ଜିଲା ଶାଖା ଆସନ୍ତା ୧୭ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ଆନ୍ଦୋଳନରେ ସାମିଲ ହେବ। ଏ ନେଇ ପ୍ରସ୍ତୁତି ବୈଠକ ଉତ୍କଳ ଆଶ୍ରମ ସଭା ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ଜିଲା ସଂପାଦକ ଶିଶିରକାନ୍ତ ବିଶୋୟୀ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟ ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ସରକାରଙ୍କ ଶିକ୍ଷା ମାରଣ ନୀତିକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଉଚ୍ଚ ଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଏହି ବର୍ଗର ମହାବିଦ୍ୟାଳୟ ଗୁଡିକରେ ଅଧ୍ୟାପକମାନେ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷାଦାନ କରିଆସୁଥିଲେ ସୁଦ୍ଧା ସେମାନଙ୍କୁ ଚାକିରୀ ସର୍ତ୍ତାବଳୀ ଓ ପେନସନ ସୁବିଧା କରାଯାଇ ନାହିଁ। ଏନେଇ ସରକାରଙ୍କ ନିକଟରେ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ଏଣୁ ରାଜ୍ୟ ସଂଘ ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନ ଡାକରାରେ ଜିଲାର ସମସ୍ତ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ସାମିଲ ହେବେ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଦିଗାମ୍ବର ବିଷୋୟୀ, ବିଭୁ ପ୍ରସାଦ ଚୌଧୁରୀ, ରାମକୃଷ୍ଣ ଗୌଡ, ଅନୁପ କୁମାର ପଣ୍ଡାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଟିପିଏସ୍‌ଓଡିଏଲ୍‌ର ପଦକ୍ଷେପ

ବ୍ରହ୍ମପୁର,୯।୧୨(ସ୍ମୃତି ରଂଜନ ମହାଲିକ)

ବିଦ୍ୟୁତ ତାର ବିଛାଇ ହେଉଥିବା ବନ୍ୟଜନ୍ତୁ ଶିକାରକୁ ରୋକିବା ପାଇଁ ଟିପିଏସ୍‌ଓଡିଏଲ୍ ପଦକ୍ଷେପ ନେଇଛି। ଟିପିଏସ୍‌ଓଡିଏଲ୍ ପରିସରଭୁକ୍ତ ୮ଟି ଜିଲାରେ ବିଦ୍ୟୁତଜନିତ ଆଘାତରୁ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କମ୍ପାନୀର ଉଦ୍ଦେଶ୍ୟ। ବନ ବିଭାଗ ଏବଂ ସ୍ଥାନୀୟ ଆଇନ ପ୍ରବର୍ତ୍ତନ ଏଜେନ୍ସିଙ୍କ ମିଳିତ ସହଯୋଗରେ ସମ୍ବେଦନଶୀଳ ଚିହ୍ନଟ ସହ ସର୍ଭିଲାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ଅନଧିକୃତ ବିଦ୍ୟୁତ ସଂଯୋଗକୁ ଚିହ୍ନଟ କରିବା ଓ ତୁରନ୍ତ ରିପୋର୍ଟ କରିବା ପାଇଁ ଲାଇନମ୍ୟାନ ଏବଂ ଫିଲ୍ଡ ଷ୍ଟାଫଙ୍କୁ ତାଲିମ, ପଶୁ ଶିକାରର କୁପରିଣାମ ଓ ଜୈବ ବିବିଧତା ସଂରକ୍ଷଣର ମହତ୍ତ୍ୱ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଗୋଷ୍ଠୀ କର୍ମଶାଳା ଆୟୋଜନ, ବନ୍ୟପ୍ରାଣୀ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରିବା ପାଇଁ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଉଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଜଙ୍ଗଲ ଓ ବନ୍ୟପ୍ରାଣୀ ଅମୂଲ୍ୟ ସମ୍ପଦ। ଏମାନଙ୍କ ସୁରକ୍ଷା ଆମର ଦାୟିତ୍ୱ। ବନ୍ୟପ୍ରାଣୀ ଶିକାର ପାଇଁ ବିଦ୍ୟୁତ ତାରର ଅବୈଧ ବ୍ୟବହାର ଦ୍ୱାରା ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି ହୋଇଛି। ଦୃଢ଼ ପଦକ୍ଷେପ ଏବଂ ଗୋଷ୍ଠୀ ଭାଗିଦାରୀ ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଉଥିବା ସେ କହିଛନ୍ତି।

## ଗଞ୍ଜାମ ଜିଲା ମହିଳା, ପୁରୁଷ ବକ୍ସିଂ ଦଳ ଚୟନ



ଚୟନ ହୋଇଥିବା ବକ୍ସିଂ ଦଳ।

ବ୍ରହ୍ମପୁର,୯।୧୨(ସ୍ୱାଧୀନ ଶେଖର ପାଢ଼ୀ )

ଗଞ୍ଜାମ ଜିଲା ଆଥଲେଟିକ ଆସୋସିଏସନ ଦ୍ୱାରା ମହାତ୍ମାଗାନ୍ଧୀ ଷ୍ଟାଡିୟମ ଠାରେ ମହିଳା ଓ ପୁରୁଷ ଗଞ୍ଜାମ ଜିଲା ବକ୍ସିଂ ଟିମ ଚୟନ ସରିଛି। ଶିବିରକୁ ଷ୍ଟାଡିୟମ ଇନ ଚାର୍ଜ ସଞ୍ଜୀବ କୁମାର ସାହୁ, ଗଞ୍ଜାମ ଜିଲା ବକ୍ସିଂ ସମ୍ପାଦକ କେ ପ୍ରଭାକର ରାଓ, ବକ୍ସିଂ କୋଚ ରିଫେରୀ ଜଜ ଲଡୁ କିଶୋର ସାହୁ, ବି ବାବୁ ରାଓ ବେହେରା, ବୁଲୁ ପାତ୍ର, ଅବିନାଶ ନାୟକ, ସନ୍ତୋଷ ସ୍ୱାଇଁ, ସନୁପ ସୁନୀଲ କୁମାର, ଏନ. ତ୍ରିପତି ପାତ୍ର, କେ.ଭେଙ୍କଟ ରମଣ, ମୁନା ଗୌଡ଼, ଲିଟୁ ଦାସ, ଅଂଶୁମାନ ଜେନା, ବାଲାଜୀ, ଗଞ୍ଜାମ ଜିଲାର ପ୍ରାୟ ସମସ୍ତ ବକ୍ସର୍ଙ୍କ ସମେତ ଅନ୍ତର୍ଜାତୀୟ ରିଫେରୀ ଜଜ ତଥା ସ୍ଥାନୀୟ କୋଚ ଶିଶିର କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ। ପୁରୁଷ ଦଳରେ ଏସ ସାଇ ପ୍ରତାପ,ଏସ ସାଇ କୁମାର, ପ୍ରବୀଣ କୁମାର ସେଠୀ,ବି ନୀଳକଣ୍ଠ, ଏସ ମୁରଲି, ବିପିନ ଗୌଡ଼,ଆଦିତ୍ୟ ମହାନ୍ତି ଚୟନ ହୋଇଥିବା ବେଳେ ଅତିରିକ୍ତ ୪ ଜଣ ବକ୍ସରଙ୍କୁ ରଖାଯାଇଛି। ସେହିପରି ମହିଳା ଦଳରେ ଏ ରିତୁ ରାଓ, ଜ୍ୟୋତି ବେହେରା ସୃତିଶା ପାଣିଗ୍ରାହି, ଆୟୁଷ୍ମିତା ପାଣିଗ୍ରାହି, ସୁନିତା ଗୌଡ଼, ମନସ୍ୱିନୀ ସାବତ,ଡ଼ି.କୁସୁମା ରେଞ୍ଜୀ ଚୟନ ହୋଇଥିବା ବେଳ ଉ ଅତିରିକ୍ତ ୩ ଜଣ ବକ୍ସରଙ୍କୁ ରଖାଯାଇଛି। ଏହି ଶିବିର ରେ ପୁରୁଷ ଓ ମହିଳା ବକ୍ସର ପ୍ରାୟ ୬୦ ଜଣ ଯୋଗ ଦେଇଥିଲେ ବୋଲି ବକ୍ସିଂ ସମ୍ପାଦକ କେ ପ୍ରଭାକର ରାଓ ସୂଚନା ଦେଇଛନ୍ତି।

## ଚାକିରି ନାଁରେ ଠକେଇ ଗ୍ୟାଙ୍ଗର ୩ ଗିରଫ

### ଓରିଜିନାଲ ସାର୍ଟିଫିକେଟ, ଟଙ୍କାଗଣା ମେଶିନ, କାର୍ ଜବତ

ବ୍ରହ୍ମପୁର,୯।୧୨ ( ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ଚାକିରି କରାଇଦେବା ନାଁରେ ରାଜ୍ୟର ବିଭିନ୍ନ ଜିଲାର ଯୁବକ ଯୁବତୀଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକେଇ କରିଥିବା ୩ ଜଣିଆ ଆନ୍ତଃଜିଲା ଠକ ଗ୍ୟାଙ୍ଗକୁ ବଡବଜାର ଥାନା ପୋଲିସ ବାନ୍ଧିଛି। ସେମାନେ ହେଲେ ମାଷ୍ଟରମାଇଣ୍ଡ ଛତ୍ରପୁର ନିକଟ ରାଜପୁରର ପ୍ରଦ୍ୟୁମ୍ନ ପଲାଇ(୩୩), ବ୍ରହ୍ମପୁର ମେଡିକାଲ ବ୍ୟାଙ୍କ କଲୋନୀ ୩ୟ ଲାଇନର ଆଶିଷ ମହାପାତ୍ର(୩୩) ଓ ଜଗତସିଂହପୁର ଅଠରବାଙ୍କିର ମିହିର ରାଉତ(୩୦) । ଏମାନେ ଗଞ୍ଜାମ ସମେତ ରାଜ୍ୟର ବିଭିନ୍ନ ଜିଲାର ବେକାର ଯୁବକ ଯୁବତୀଙ୍କୁ ରେଳ ବିଭାଗ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଚାକିରି କରାଇଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ସଂଗ୍ରହ କରୁଥିଲେ। ଯୁବକ ଯୁବତୀଙ୍କ ଠାରୁ ଓରିଜିନାଲ ସାର୍ଟିଫିକେଟ ନେଇଯାଉଥିଲେ। ଟଙ୍କା ନେବା ପରେ କୋର୍ଟ ପେପରରେ ଏଗ୍ରିମେଣ୍ଟ ମଧ୍ୟ କରୁଥିଲେ । କିଛି ଦିନ ପରେ ନକଲି ନିଯୁକ୍ତିପତ୍ର ଦେଇ ଟଙ୍କା ଠକେଇ କରୁଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ରାଜ୍ୟର ବିଭିନ୍ନ ଜିଲାର ୧୫ ଯୁବକ ଯୁବତୀଙ୍କ ମାଟ୍ରିକ, ଯୁକ୍ତ ୨ ସହ ଅନ୍ୟାନ୍ୟ ପାଠ୍ୟକ୍ରମର ଓରିଜିନାଲ ସାର୍ଟିଫିକେଟ ଜବତ କରିବା ସହ ଏକ ଟଙ୍କା ଗଣା ମେଶିନ, ଲାପଟପ, ମୋବାଇଲ, କାର, ସ୍କୁଟି, ୩ଟି କୋର୍ଟ ପେପର ଏଗ୍ରିମେଣ୍ଟ, ରେଳ ବିଭାଗ ଟିଟିସି ପଦବୀର ଏକ ନକଲି ନିଯୁକ୍ତିପତ୍ର ଓ ଏକ କାର ମଧ୍ୟ ଜବତ ହୋଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ. କହିଛନ୍ତି। ମାମଲା ନଂ. ୪୨୬/୨୪ରେ ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ପୁରୁଣା ବ୍ରହ୍ମପୁର ପଞ୍ଚାନନ ନଗରର ଯୁବକ ଗିରିଜା ନନ୍ଦନ ପଣ୍ଡିତ(୩୧) ୨୦୧୯ରେ ଚାକିରି ସନ୍ଧାନରେ ଥିଲେ। ଏହି ସମୟରେ ବ୍ୟାଙ୍କ କଲୋନୀର ଆଶିଷ ମହାପାତ୍ର ତାଙ୍କ ସହ ମିଶି ସରକାରୀ ଚାକିରି କରାଇଦେବେ ବୋଲି ଗିରିଜାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସରକାରୀ ଚାକିରୀ କରିବାକୁ ହେଲେ ୫ ଲକ୍ଷ ଟଙ୍କା ଦେଲେ ୬ ମାସ ଭିତରେ ନିଯୁକ୍ତି ମିଳିବ ବୋଲି ସେ ତାଙ୍କୁ କହିଥିଲେ । ଟଙ୍କା ନେବା ପରେ ସେ କୋର୍ଟ ପେପରରେ ଏଗ୍ରିମେଣ୍ଟ କରିବେ ବୋଲି କହିଥିଲେ । ବିଶ୍ୱାସ କରି ଗିରିଜା ତାଙ୍କୁ ୫ ଲକ୍ଷ ଟଙ୍କା ଦେଇଥିଲେ । ଗିରିଜାଙ୍କୁ ଭୁବନେଶ୍ୱର ଡାକି ନିଯୁକ୍ତି ପତ୍ର ମିଳିଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ୪ ବର୍ଷ ପରେ ମଧ୍ୟ ତାଙ୍କୁ ଚାକିରି ନମିଳିବାରୁ ଗିରିଜା ବଡବଜାର ଥାନାରେ ଅଭିଯୋଗ କରିଥିଲେ ।

## ସହରତଳି ମିଶ୍ରଣ ପ୍ରସଙ୍ଗ ନଗର ଉନ୍ନୟନ ମନ୍ତ୍ରୀ ତର୍ଜମା କରିବାକୁ ଦାବି

ବ୍ରହ୍ମପୁର,୯।୧୨(ସ୍ମୃତି ରଞ୍ଜନ ମହାଲିକ)

ବିଧାନସଭାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ସହରତଳି ଅଞ୍ଚଳ ବିଏମସିରେ ସାମିଲ ପ୍ରସଙ୍ଗକୁ ନେଇ ରଖିଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ ବୋଲି ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି କହିଛି। ସୋମବାର କମିଟି ପକ୍ଷରୁ ଗେଟ ବଜାର ଏନଜିଓ ହଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ, ବିଧାୟକ କେ. ଅନିଲ କୁମାର ବିଧାନସଭାରେ ସହରତଳି ଅଞ୍ଚଳ ମହାନଗର ନିଗମରେ ସାମିଲ ନେଇ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କମିଟିର ଆନ୍ଦୋଳନକୁ ସ୍ୱୀକାର କରିଛନ୍ତି। ଏଥିସହ ୨୦୨୨ ଅକ୍ଟୋବର ୨୮ ତାରିଖରେ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ମିଶ୍ରଣ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଲୋକଙ୍କଠାରୁ ଆପତ୍ତି ବିଭାଗକୁ ମିଳିବା କାରଣରୁ ମିଶ୍ରଣ ହୋଇପାରି ନାହିଁ ବୋଲି କହିଥିଲେ। ଯାହାକୁ ନେଇ କମିଟି ଅସନ୍ତୋଷ ପ୍ରକାଶ କରିବା ସହ ମନ୍ତ୍ରୀ ସଂପୂର୍ଣ୍ଣ ତର୍ଜମା କରିବା ପାଇଁ କହିଛି। ନଚେତ ଆଗାମୀ ଦିନରେ କମିଟି ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଖବରଦାତା ସମ୍ମିଳନୀରେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପସଭାପତି ଦେବୀ ପ୍ରସାଦ ଦାସ, ଯୁଗ୍ମ ସଂପାଦକ ଟି ସୁଦେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖିଆ ଚୟନକୁ ନେଇ ଆକ୍ରମଣ, ଥାନାରେ ମାମଲା ରୁଜୁ

ଚିକିଟି,୯।୧୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ଗ୍ରାମରେ ରବିବାର ସନ୍ଧ୍ୟାରେ ଗ୍ରାମର କୈବର୍ତ୍ତ ସମାଜର ସଭା ହୋଇଥିଲା। ଦୀର୍ଘଦିନ ହେଲା ଗାଁର ମୁଖିଆ ଚୟନ ହୋଇ ନ ଥିଲା। ସଭାରେ ମୁଖିଆ ଚୟନ ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଧୀରେ ଧୀରେ ଏହା ଉଗ୍ରରୂପ ଧାରଣ କରିଥିଲା। ଉଭୟ ଗୋଷ୍ଠୀଙ୍କ ଆକ୍ରମଣ ଓ ପ୍ରତିଆକ୍ରମଣରେ କିଛି ଲୋକ ଆହତ ହୋଇଥିଲେ। ସୋମବାର ଆହତ ମାଧବ ବେହେରା ଏନେଇ ମେରାଇନ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି କେସ ନଂ ୪୪/୨୦୨୪ ରୁଜୁକରି ଅଭିଯୁକ୍ତ ଅନ୍ତର୍ଯ୍ୟାମୀ ବେହେରାଙ୍କୁ ବ୍ରହ୍ମପୁର କୋର୍ଟ ଚାଲାଣ କରାଯାଇଛି। ଅପରପକ୍ଷରେ ଅନ୍ତର୍ଯ୍ୟମୀଙ୍କୁ ମଧ୍ୟ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏତଲାକୁ ଭିତ୍ତିକରି କେସ ନଂ ୪୫ /୨୦୨୪ ରୁଜୁ କରାଯାଇଥିବା ପୋଲିସ କହିଛି। ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି।

## ଗଞ୍ଜାମ ଜିଲା ଭାଜପାର ସାଙ୍ଗଠନିକ ନିର୍ବାଚନ

ବ୍ରହ୍ମପୁର,୯।୧୨(ନରସିଂହ ସାହୁ):

ଗଞ୍ଜାମ ଜିଲା ଭାଜପାର ସାଙ୍ଗଠନିକ ନିର୍ବାଚନ ପାଇଁ ରାଜନୀତି ସରଗରମ ହୋଇଛି। ଗଞ୍ଜାମରେ ଦଳର ୨ଟି ସାଙ୍ଗଠନିକ ଜିଲା ରହିଛି। ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର, ଦିଗପହଣ୍ଡି ଓ ଚିକିଟି ବିଧାନସଭା କ୍ଷେତ୍ରକୁ ନେଇ ଗଞ୍ଜାମ ସାଙ୍ଗଠନିକ ଜିଲା ଗଠନ ହୋଇଥିବା ବେଳେ ହିଞ୍ଜିଳି, ଆସିକା, ସୋରଡ଼ା ସମେତ ୮ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ଗଠନ ହୋଇଛି ଘୁମୁସର ଜିଲା। ଗଞ୍ଜାମ ସାଙ୍ଗଠନିକ ଜିଲାରେ ୧୦୨୬ ବୁଥସ୍ତରୀୟ ସଭାପତି ନିର୍ବାଚନ ୧୦ ତାରିଖରେ ସରିବ। ରାଜ୍ୟ ସଙ୍ଗଠନ ପକ୍ଷରୁ ଗଞ୍ଜାମ ପାଇଁ ନିଯୁକ୍ତ ନିର୍ବାଚନ ଅଧିକାରୀ ପ୍ରତାପ ମିଶ୍ର ସୋମବାର ବ୍ରହ୍ମପୁର ଆସି ତଦାରଖ କରୁଛନ୍ତି। ଏହାର ଫଳାଫଳ ଘୋଷଣା ପରେ ୧୫ ତାରିଖରେ ମଣ୍ଡଳ ସ୍ତରୀୟ ସଭାପତି ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଚୂଡ଼ାନ୍ତ ହୋଇଛି। ୩୦ରେ ଜିଲା ସଭାପତି ନିର୍ବାଚନ। ପ୍ରଥମ ଥର ଭାଜପା ଏକାକୀ ସରକାର କରିଥିବାରୁ ତୃଣମୂଳ ସ୍ତରରୁ କର୍ମୀଙ୍କ ଉତ୍ସାହ ବଢ଼ିଯାଇଛି। ଜିଲା ସଭାପତି ପଦ ଲାଗି ଆଶାୟୀଙ୍କ ସଂଖ୍ୟା ଲମ୍ବିବାରେ ଲାଗିଛି। ସଭାପତି ଦୌଡ଼ରେ ପ୍ରଭାତ ଷଡ଼ଙ୍ଗୀ, ମହନ୍ତ ଚିନ୍ମୟାନନ୍ଦ ମହାରାଜ, ଗଙ୍ଗାଧର ଶତପଥୀ, ସରୋଜ ସାବତ, ମୀନା ଦ୍ୟାନ ସାମନ୍ତରା ପ୍ରମୁଖ ଥିବା ସୁରାକ ମିଳିଛି। ପୂର୍ବତନ ସଭାପତି ତଥା ବର୍ତ୍ତମାନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତିଙ୍କ ନାଁ ମଧ୍ୟ ଉଠିଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କାହା ନାଁ ଉପରେ ମୋହର ଲଗାଇବେ ସେଥିପାଇଁ କର୍ମୀ ମହଲରେ ଅପେକ୍ଷା କରାଯାଇଛି।

ପାର୍ଟିର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଏଥର ନୂଆ ବ୍ୟବସ୍ଥା ହୋଇଛି। ଚଳିତ ନିର୍ବାଚନରେ ଯୁବ ଚେହେରା ସଭାପତି ହେବା ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ସାଙ୍ଗଠନିକ ନିର୍ବାଚନ ପରିପ୍ରେକ୍ଷୀରେ ବର୍ତ୍ତମାନର ଜିଲା ସଭାପତି ଡ଼ା. ସୁବାସ ସାହୁ ଦୃଶ୍ୟପଟରୁ ଅଦୃଶ୍ୟ ହୋଇଯାଇଛନ୍ତି। ୨୦୨୩ ନଭେମ୍ବରରେ ସେ ସଭାପତି ହୋଇଥିଲେ। ଗତ ସାଧାରଣ ନିର୍ବାଚନ ପରଠାରୁ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହୁଛନ୍ତି। ତାଙ୍କ ସହ ଯୋଗଯୋଗ କରିବାରୁ, ଝିଅ ବାହାଘର ପାଇଁ ବ୍ୟସ୍ତ ଥିବାରୁ ଦଳରୁ ଦୂରେଇଥିବା ସୁବାସ କହିଛନ୍ତି।

## ରାମଲିଙ୍ଗେଶ୍ୱର ଉଦ୍ୟାନ ଆୟ ବିବାଦ ନେଇ ଅସନ୍ତୁଷ୍ଟ କର୍ପୋରେଟର

ବ୍ରହ୍ମପୁର,୯।୧୨(ସ୍ମୃତି ରଞ୍ଜନ ମହାଲିକ)



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ପୋରେଟର।

ରାମଲିଙ୍ଗେଶ୍ୱର ଉଦ୍ୟାନ ଆୟକୁ ନେଇ ବ୍ରହ୍ମପୁର ମହାନଗର ନିଗମ (ବିଏମସି) କର୍ପୋରେଟର ମେୟର ଓ କମିଶନରଙ୍କ ବିରୋଧରେ ଗୋଟିଏ ପରେ ଗୋଟିଏ ଅଭିଯୋଗ ଆଣୁଛନ୍ତି। ଗତ ୩ ତାରିଖରୁ ଏଭଳି ବିବାଦ ଲାଗି ରହିଛି। ଜିଲା ବିଜେଡି ସଭାପତି ସମାଧାନ ଚେଷ୍ଟା କରୁଥିବାବେଳେ ତାହା ମଧ୍ୟ ସଫଳ ହେଉ ନ ଥିବା ଭଳି ମନେ ହେଉଛି। ଫଳରେ କର୍ପୋରେଟରଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ସୋମବାର କେତେଜଣ କର୍ପୋରେଟର ରାମଲିଙ୍ଗେଶ୍ୱର ଉଦ୍ୟାନ ଆୟ ପ୍ରସଙ୍ଗକୁ ନେଇ ଖବରଦାତା ସମ୍ମିଳନୀରେ ଭିନ୍ନ ଟିପ୍ପଣୀ ରଖିଛନ୍ତି।

କର୍ପୋରେଟରମାନେ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଉଦ୍ୟମରେ ଉଦ୍ୟାନ ହୋଇଥିଲା। ଏହାର ପାଣ୍ଠି ଓ ଆୟ ମଧ୍ୟ ଜନସାଧାରଣଙ୍କ ପାଣ୍ଠି। ଏଣୁ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଜନ ସ୍ୱାର୍ଥ ବିରୋଧୀ ଯେକୌଣସି ବିଧେୟକ ଆଇନ ଓ କାର୍ଯ୍ୟକୁ ସମୀକ୍ଷା କରିବା ହେଉଛି ଜନ ପ୍ରତିନିଧିଙ୍କ କର୍ତ୍ତବ୍ୟ। ଉଦ୍ୟାନର ୩୧ ବର୍ଷ ନିମନ୍ତେ ଲିଜ ଅବଧି ରହିଛି। ଏଣୁ ଆୟର ୪୦% ଟ୍ରଷ୍ଟିକୁ ଦେବା ଯଥାର୍ଥ କି ବୋଲି କର୍ପୋରେଟରମାନେ ପ୍ରଶ୍ନ କରିଛନ୍ତି। ପୂର୍ବ ଅଧିକାରୀମାନେ ଲିଜ ଏଗ୍ରିମେଣ୍ଟ ସର୍ତ୍ତ ଅନୁଯାୟୀ ୪୦% ରାଜସ୍ୱ ଆୟକୁ ଟ୍ରଷ୍ଟିକୁ ପ୍ରଦାନ କରୁ ନ ଥିଲେ। କିନ୍ତୁ ଏବେ କିଛି ନ୍ୟସ୍ତ ସ୍ୱାର୍ଥରେ ଜଡିତ ରହିଥିବା ଟ୍ରଷ୍ଟିକୁ ସମର୍ଥନ କରୁଛନ୍ତି। ତତସହିତ କିଛି ନେତା ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଆଳରେ ଭବିଷ୍ୟତରେ ମାର୍କେଟ କଂପ୍ଲେକ୍ସର ଯୋଜନା କରାଯାଉଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଲୋକଙ୍କ ସ୍ୱାର୍ଥ ପାଇଁ କାମ କରୁଛନ୍ତି କର୍ପୋରେଟରଙ୍କ ମଧ୍ୟରେ କୌଣସି ଗୋଷ୍ଠୀ କନ୍ଦଳ ନାହିଁ ବୋଲି କର୍ପୋରେଟରମାନେ ସଫେଇ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ କର୍ପୋରେଟର ଧୀରେଶ ସାବତ, ଦୁର୍ଗା କୁମାର ଲାୟକ, ଅଶ୍ୱିନୀ କୁମାର ପଟ୍ଟନାୟକ ଓ ଶ୍ୱେତାରେଖା ତ୍ରିପାଠୀଙ୍କ ସମେତ ଅନ୍ୟ ମହିଳା କର୍ପୋରେଟର ଉପସ୍ଥିତ ଥିଲେ।

